THE AADHAR ODISHA

# ଆଧାର ଓଡ଼ିଶା

RNI Title Code No. ODIODI08073

ଏକ ନିଆରା ସାପ୍ତାହିକୀ

♦ବର୍ଷ–୨ ♦ସଂଖ୍ୟା–୫ ♦ବରଗଡ଼ ♦ ୦୯–୧୫ ଡିସେମ୍ବର ୨୦୨୨ ♦୫ ଟଙ୍କା ♦ପୃଷ୍ଠା–୮ ♦VOL-2 ♦ISSUE- 5♦BARGARH ♦ 09-15 DECEMBER 2022 ♦RS.5/- ♦PAGE-8

ସମୟ ହେଉଛି ସ୍କୁଲ, ଯେଉଁଠି ଆମେ ପଢୁ । ସମୟ ହେଉଛି ଅଗ୍ନି, ଯେଉଁଥିରେ ଆମେ ଜଳୁ ।
– ଡେଲ୍‌ମୋର ସ୍ୱାର୍ଟଜ




୧୦ ଲକ୍ଷ ୪୮ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ଆଗ୍ରହ ପୃଷ୍ଠା–୩➔





ମଲାଇକାଙ୍କ ଶୋ 'ମୁଭିଂ ୱିଥ୍ ମଲାଇକା' ପୃଷ୍ଠା–୫➔




ବର୍ଷାଙ୍କ ଉପରେ ଭୋଟ୍ ବର୍ଷା, ବିଜେପି ନିରାଶ ପୃଷ୍ଠା–୭➔



ବିଶ୍ୱର ବିପଦପୂର୍ଣ୍ଣ ବିମାନବନ୍ଦର ପୃଷ୍ଠା–୮➔





# ପଦ୍ମପୁର ଛାଡ଼ିଲାନି ବିଜେଡି

## ବୃହତ ବ୍ୟବଧାନରେ ଜିତିଲେ ବର୍ଷା

### ବିଜେପି ନିରାଶ, ଅମାନତ ହରାଇଲା କଂଗ୍ରେସ




ବରଗଡ଼: ପୁଣି ପଦ୍ମପୁର ଦଖଲ କଲା ବିଜେଡ଼ି । ନୃସିଂହନାଥ ମାଟିରେ ପୁଣି ଶୁଭିଲା ଶଙ୍ଖନାଦ । ବାପା ବିଜୟ ରଞ୍ଜନ ସିଂ ବରିହାଙ୍କଠୁ ବି ଆଶାତୀତ ଭୋଟ୍ ପାଇ ପଦ୍ମପୁରକୁ ଛାଡ଼ିବାକୁ ଦେଇ ନାହାଁନ୍ତି ଝିଅ ବର୍ଷା ସିଂ ବରିହା । ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମ୍ୟାଜିକ୍ ଆଗରେ ବିରୋଧୀ ଚିତ୍‌ପଟାଙ୍ଗ ମାରିଛନ୍ତି । ଉପନିର୍ବାଚନରେ ନିକଟତମ ପ୍ରତିଦ୍ୱନ୍ଦୀ ତଥା ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କୁ ୪୨ ହଜାର ୬୭୯ ଭୋଟ୍‌ରେ ପରାସ୍ତ କରି ପୁରୀ ବୋହୂ ବର୍ଷା ବିଜୟ ହାସଲ କରିଛନ୍ତି । ବର୍ଷା ୧ ଲକ୍ଷ ୨୦ ହଜାର ୮୦୭ ଖଣ୍ଡ ଭୋଟ୍ ପାଇଥିବାବେଳେ ପ୍ରଦୀପ ପାଇଛନ୍ତି ୭୮ ହଜାର ୧୨୮ ଭୋଟ । ବିଜେଡ଼ି–ବିଜେପିର ଏହି ଲଢ଼େଇ ଭିତରେ ଅମାନତ ହରାଇଛି କଂଗ୍ରେସ । ୩ ହଜାର ୫୯୪ ଖଣ୍ଡ ଭୋଟ୍ ପାଇଁ ଶୋଚନୀୟ ପରାସ୍ତ ହେବାକୁ ପଡ଼ିଛି କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ ସାହୁଙ୍କୁ ।

ପଦ୍ମପୁରକୁ ହାତେଇବାକୁ ମୁଖ୍ୟତଃ ବିଜେଡି ଓ ବିଜେପି ମଧ୍ୟରେ କଡ଼ା ଟକ୍କର ହେଉଥିଲା । ଧାମନଗର ବିଜୟ ପରେ ବିଜେପି ନେତା ଓ କର୍ମୀଙ୍କ ମଧ୍ୟରେ ଏକ ନୂଆ ଉତ୍ସାହ ଭରି ଯାଇଥିଲା । ପଦ୍ମପୁରରେ ଧାମନଗର ଭଳି ବିଜେଡିକୁ ମାତ୍ ଦେବା ପାଇଁ ବିଜେପି ରାଜ୍ୟ ନେତୃତ୍ୱ ଅଣ୍ଟା ଭିଡ଼ିଥିଲେ । ସେଥିପାଇଁ ଦଳ ରଣକୌଶଳ ପ୍ରସ୍ତୁତ କରିଥିଲା । ➔ପୃଷ୍ଠା–୭

## ସମ୍ପାଦକୀୟ

### ଭୋଟରଙ୍କ ମନ

## ସମସ୍ତ ପ୍ରତିଶ୍ରୁତି ପାଳନ ହେବ


ଭୁବନେଶ୍ୱର: ପଦ୍ମପୁରରେ ବିଜେଡିର ବିଜୟ ପରେ ସମ୍ବୋଧନ କରି ଭୋଟରଙ୍କୁ ଧନ୍ୟବାଦ ଜଣାଇଛନ୍ତି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏଥିସହ କାହିଁକି ସେ ପଦ୍ମପୁରକୁ ପ୍ରଚାରରେ ଯାଇଥିଲେ ତାର ଉତ୍ତର ରଖି ନବୀନ କହିଛନ୍ତି– ବିଜେଡି ପ୍ରାର୍ଥୀନୀ ବର୍ଷା ସିଂ ବରିହାଙ୍କ ପ୍ରତି ବିଜେପି ନେତାଙ୍କ ଅସମ୍ମାନ ତାଙ୍କୁ ଦୁଃଖ ଦେଇଥିଲା । ଏହା ଓଡ଼ିଶାର ସବୁ ମହିଳାଙ୍କ ପାଇଁ ଦୁଃଖର କଥା ଥିଲା । ତେଣୁ ସେ ବର୍ଷା ସିଂଙ୍କ ପାଇଁ ପ୍ରଚାର କରିବାକୁ ନିଷ୍ପତ୍ତି ନେଲେ । ଏହା ମୋତେ ଅତ୍ୟନ୍ତ ଦୁଃଖ ଦେଇଥିଲା, ଅନ୍ୟଙ୍କୁ ବି ଦୁଃଖ ଦେଇଥିବ ବୋଲି ନବୀନ କହିଛନ୍ତି । ସେ ଆହୁରି କହିଛନ୍ତି ଯେ ମହିଳାଙ୍କୁ ଅସମ୍ମାନ ଓ ଅପମାନ ନିନ୍ଦନୀୟ । ଏହି କାରଣରୁ ମୁଁ ପଦ୍ମପୁର ପ୍ରଚାରରେ ଯିବାକୁ ନିଷ୍ପତ୍ତି ନେଇଥିଲି । ବର୍ଷାଙ୍କ ପଛରେ ବାପା ଓ ଭାଇ ଭଳି ଠିଆ ହେବାକୁ ନିଷ୍ପତ୍ତି ନେଇଥିଲି । ପଦ୍ମପୁରରେ ବଡ଼ ବିଜୟ ପରେ ପଦ୍ମପୁରବାସୀଙ୍କୁ ଧନ୍ୟବାଦ ଜଣାଇବା ଅବସରରେ ବିଜେପିକୁ ଏମିତି କଡ଼ା ସମାଲୋଚନା କରିଛନ୍ତି ବିଜେଡି ସୁପ୍ରିମୋ । ସେ କଟାକ୍ଷ କରିଛନ୍ତି ଯେ, ବିଜେପିର କେନ୍ଦ୍ରମନ୍ତ୍ରୀ ପଦ୍ମପୁରବାସୀଙ୍କୁ ଭୁଆଁ ବୁଲାଇବାକୁ ଉଦ୍ୟମ କରି ଫେଲ ମାରିଛନ୍ତି । ପଦ୍ମପୁରରେ କାମ ଦେଇଛି ନବୀନ୍ ମ୍ୟାଜିକ୍ । ବିଜେପିର ଧାମନଗର ଫର୍ମୁଲା ପଦ୍ମପୁରରେ କାମ ଦେଲାନି । ବିଜେଡି ପ୍ରାର୍ଥୀ ବର୍ଷା ସିଂ ବରିହା ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କୁ ହରାଇ ବିପୁଳ ଭୋଟରେ ବିଜୟୀ ହୋଇଛନ୍ତି । ବର୍ଷାଙ୍କୁ ୧, ୧୯, ୫୧୨ ଭୋଟ ମିଳିଛି । ପଦ୍ମପୁରରେ ତ୍ରିମୁଖୀ ଲଢେଇରେ ପୁଣି ଥରେ ଗଡ଼ ବଜାୟ ରଖିବାରେ ସଫଳ ହୋଇଛି ଶାସକ ବିଜେଡ଼ି ।

# ଗୁଜରାଟରେ ବିଜେପି, ହିମାଚଳରେ କଂଗ୍ରେସ

## ହିମାଚଳ ଧାରା ଅପରିବର୍ତ୍ତିତ: କାମ ଦେଲାନି ମୋଦି ମ୍ୟାଜିକ୍

ନୂଆଦିଲ୍ଲୀ: କ୍ରମାଗତ ସପ୍ତମ ଥର କ୍ଷମତା ହାତେଇ ବିଜେପି ରଚିଛି ଇତିହାସ । ୬୦ ବର୍ଷର ଇତିହାସରେ ସର୍ବାଧିକ ଆସନ ଜିତି ଲଗାତର ୭ମ ଥର ପାଇଁ ସରକାର ଗଢ଼ି ରେକର୍ଡ କରିବାକୁ ଯାଉଛି ଦଳ । ୧୮୨ ଆସନ ବିଶିଷ୍ଟ ଗୁଜରାଟ ବିଧାନସଭାରେ ବିଜେପି ମୋଟ୍ ୧୫୬ ଆସନ ପାଇଥିବା ବେଳେ ଅତି ଦୟନୀୟ ପ୍ରଦର୍ଶନ ସହ କଂଗ୍ରେସ ମାତ୍ର ୧୭ଟି ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି । ଅପରପକ୍ଷେ ପ୍ରଥମ ଥର ପାଇଁ ରାଜ୍ୟରେ ବିଧାନସଭା ନିର୍ବାଚନ ଲଢ଼ିଥିବା ଆମ୍ ଆଦମି ପାର୍ଟି ସପକ୍ଷରେ ପଡ଼ିଛି ମାତ୍ର ୫ଟି ଆସନ । ଦିଲ୍ଲୀ ଓ ପଞ୍ଜାବ ପରେ ଆମ୍ ଆଦ୍‌ମୀ ପାର୍ଟି ଗୁଜରାଟରେ କିଛି କମାଲ କରିବ ବୋଲି ଚର୍ଚ୍ଚା ହେଉଥିଲେ । ବିଧାନସଭା ନିର୍ବାଚନରେ ସେଭଳି କିଛି ହୋଇନି । ସେପଟେ ଆସନ୍ତା ୧୨ ତାରିଖରେ ଦ୍ୱିତୀୟ ଥର ପାଇଁ ଗୁଜରାଟ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ଭୁପେନ୍ଦ୍ର ପଟେଲ । ଏହି ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ପ୍ରମୁଖ ଯୋଗଦେବା କାର୍ଯ୍ୟକ୍ରମ ରହିଛି । ଆଉ ବିଜେପିର ଏହି ଐତିହାସିକ ବିଜୟରେ ଉତ୍ସବ ମୁଖର ପଦ୍ମ ଶିବିର ।

ଗୁଜରାଟରେ ବଡ଼ ବିଜୟ ପରେ ଦିଲ୍ଲୀ ବିଜେପି ମୁଖ୍ୟାଳୟରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବୋଧନ କରିଛନ୍ତି ➔ପୃଷ୍ଠା–୭






THE AADHAR ODISHA
ଆଧାର ଓଡ଼ିଶା

୦୯-୧୫ ଡିସେମ୍ବର ୨୦୨୨



# ଭୋଟରଙ୍କ ମନ

ଏହି ସମ୍ପାଦକୀୟ ଲେଖା ହେବା ବେଳକୁ ଗୁଜରାଟ ଓ ହିମାଚଳ ପ୍ରଦେଶ ବିଧାନସଭା ଏବଂ ଉତ୍ତରପ୍ରଦେଶର ଗୋଟିଏ ଲୋକସଭା ଆସନ ଓ ଦୁଇଟି ବିଧାନସଭା ଆସନ, ତତ୍ ସହିତ ବିହାର, ରାଜସ୍ଥାନ, ଛତିଶଗଡ ଓ ଓଡ଼ିଶାର ଗୋଟିଏ ଲେଖାଏଁ ରିକ୍ତ ବିଧାୟକ ସ୍ଥାନ ପୂରଣ ଲାଗି ଅନୁଷ୍ଠିତ ନିର୍ବାଚନର ଭୋଟ ଗଣତି ଅଧାବାଟରେ ଅଛି। ଗଣମାଧ୍ୟମରେ ସମୟ ସୀମା ବା ଡେଡ୍ ଲାଇନର ବାଧ୍ୟବାଧକତା ଥାଏ। ତେବେ ବର୍ତ୍ତମାନ ସୁଦ୍ଧା ଯେଉଁ ଫଳାଫଳ ଆସିଛି ସେଥିରୁ ସ୍ପଷ୍ଟ ହୋଇଯାଉଛି ଯେ ଗୁଜରାଟରେ ବିଜେପି ପୂର୍ବାପେକ୍ଷା ଅଧିକ ଭଲ ପୁନର୍ବାର ଗାଦିକୁ ଆସିବ। ହିମାଚଳ ପ୍ରଦେଶରେ ବିଜେପି ବିଦା ହୋଇ କଂଗ୍ରେସ ସରକାର ଗଠନ କରିବ। ଉପନିର୍ବାଚନରେ ବିହାର ବ୍ୟତୀତ ଅନ୍ୟ କେଉଁଠି ବିଜେପି ଜିତିବାର ସମ୍ଭାବନା କମ୍। ଦିନେ ପୂର୍ବରୁ ବୁଧବାର ଦିଲ୍ଲୀର ମହାନଗର ପାଳିକା ନିର୍ବାଚନର ଫଳାଫଳ ଆସିଥିଲା ଯେଉଁଥିରେ୧୫ ବର୍ଷ ଧରି ବିଜେପି କବ୍ଜାରେ ଥିବା ପୌର ଶାସନକୁ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଛଡାଇ ଆଣିଛି। ଦିଲ୍ଲୀର ପୌର ନିର୍ବାଚନ, ଗୁଜରାଟ ଓ ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନ ଏବଂ ଉପରୋକ୍ତ ୫ଟି ରାଜ୍ୟର ଲୋକସଭା ଓ ବିଧାନସଭା ଉପନିର୍ବାଚନ ଫଳାଫଳକୁ ଦେଖିଲେ ଅବୁଝା ରହୁନାହିଁ ଯେ ନିର୍ବାଚନରେ ବାହୁବଳ ଓ ଧନବଳର ପ୍ରାବଲ୍ୟ ଦେଖାଯାଉ ଥାଇପାରେ ଶାସନକଳର ଅପବ୍ୟବହାର ହେଉଥାଇପାରେ ଭାରତୀୟ ଭୋଟର ହୁଏତ ସେମାନଙ୍କ ଗଣତାନ୍ତ୍ରିକ ଦାୟିତ୍ୱ ଓ ଅଧିକାର ପ୍ରତି ସେତେଟା ସଚେତନ ନ ଥାଇ ପାରନ୍ତି ମାତ୍ର ସେମାନଙ୍କୁ ଫର୍‌ଗ୍ରାଣ୍ଟେଡ୍ (ଯାହା କଲେ ବି ମାଡି ମକଚି ହୋଇ ରହିବ ) ବୋଲି ଧରିନେବା ବା ଭୂତେଇବା ସମ୍ଭବପର ନୁହେଁ। କାହିଁ କେଉଁ ୫୦ ବର୍ଷ ତଳେ ଲେଖା ଯାଇଥିବା ଏକ ହିନ୍ଦି ସିନେମା ଗୀତର ମୁଖ୍‌ଡା – 'ଇୟେ ପବ୍ଲିକ ହୈ,... ସବ୍ ଜାନ୍‌ତି ହୈ'– ର ପ୍ରାସଙ୍ଗିକତାକୁ ପୁନର୍ବାର ଏହି ନିର୍ବାଚନ ଫଳାଫଳ ସିଦ୍ଧ କରିଛି।

ଆହୁରି ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଦେଶର ସାଧାରଣ ନାଗରିକ ଶିକ୍ଷାଦୀକ୍ଷା, ଧନସମ୍ପତ୍ତି, ଗାଡିଘୋଡା, ଘରବାଡି ଆଦିରେ ଆମେରିକା, ବ୍ରିଟେନ, ଜର୍ମାନୀ ବା ଫ୍ରାନ୍ସ ଭଳି ତଥାକଥିତ ଉନ୍ନତ ଗଣତାନ୍ତ୍ରିକ ଦେଶର ନାଗରିକଙ୍କ ସମାନ ସ୍କନ୍ଧ ନ ହେଲେ ବି ଜନମତ ଅଧିକାର ପ୍ରୟୋଗ ବେଳେ ବୁଦ୍ଧିମାନୀ ଦେଖାଇବାରେ କୌଣସି ଭାବେ ଊଣା ନୁହନ୍ତି। ବରଂ ଭାରତୀୟ ଭୋଟର ଅଧିକ ଚତୁର ବୋଲି କୁହାଯାଇପାରିବ। ସେୟା ହେଉଛି କାରଣ ଯେଉଁଥିଲାଗି ସେ ସବୁ ଦେଶରେ ଶେଫୋଲଜିଷ୍ଟ ବା ନିର୍ବାଚନ ଫଳାଫଳ ଅନୁମାନକରାଳୀଙ୍କ ଆକଳନ ଅନେକ ସମୟରେ ଠିକ୍ ଆସୁଥିବା ବେଳେ ଭାରତବର୍ଷରେ ସେମାନଙ୍କ ଗଣିତ ଅନେକ ସମୟରେ ଗଡବଡ ହୋଇଯାଏ, ଫାଳେ ସତକୁ ଫାଳେ ମିଛ ହୁଏ। ଏହି ସାନି ନିର୍ବାଚନ ବେଳେ ସବୁ ଏକ୍‌ଜିଟ୍ ପୋଲ୍ କହିଥିଲେ ଯେ, ୪୦ ବର୍ଷର ପରମ୍ପରା ଭାଙ୍ଗି ବିଜେପି ହିମାଚଳ ପ୍ରଦେଶରେ ପୁଣି କ୍ଷମତାକୁ ଆସିବ। ତାହା ଭୁଲ୍ ପ୍ରମାଣିତ ହେଲା। ପରମ୍ପରା ବଜାୟ ରହିଲା, ବିଜେପି ଗାଦିଚ୍ୟୁତ ହେଲା, କଂଗ୍ରେସ ସରକାରକୁ ଆସିଲା। ବିଜେପିର କଂଗ୍ରେସମୁକ୍ତ ଭାରତ ପଦ୍ମ ଆଉ ଧାପେ ଘୁଞ୍ଚିଗଲା। ସେହିପରି ଗୁଜରାଟ ଓ ଦିଲ୍ଲୀ ପ୍ରସଙ୍ଗରେ ଶେଫୋଲଜିଷ୍ଟଙ୍କ ଅନୁମାନ ଲକ୍ଷ୍ୟବିଚ୍ୟୁତ ହେଲା। ଗୁଜରାଟରେ ଯାହା ଅନୁମାନ କରାଯାଉଥିଲା ତା'ଠାରୁ ଅଧିକ ସଫଳତା ବିଜେପି ହାତକୁ ଆସିଥିବା ବେଳେ ଦିଲ୍ଲୀରେ ଆପ୍ ବିଜୟୀ ହେଲେ ମଧ୍ୟ ସେତିକି ଓ୍ୱାର୍ଡରେ ଜିଣିପାରି ନାହିଁ, ଯେତିକି ଆକଳନ କରାଯାଉଥିଲା।

ନିର୍ବାଚନ ଫଳାଫଳ ପ୍ରମାଣିତ କରିଦେଇଛି ଯେ ସୋସିଆଲ ମିଡିଆରେ ଆଇଟି ସେଲ ଓ କୀ ବୋର୍ଡ ଓ୍ୱାରିୟରଙ୍କ ଜରିଆରେ ବିଭିନ୍ନ ଦଳ ଓ ଗୋଷ୍ଠୀ ଯେତେ ଅସତ୍ୟ, ଅର୍ଦ୍ଧସତ୍ୟ, ବିକୃତ ସତ୍ୟ ପ୍ରଚାର କରନ୍ତୁ ପଛେ ଧାନ ଓ ଅଗାଡି ବାଛିବାରେ ଭାରତୀୟ ଭୋଟର ଧୁରନ୍ଧର। ପଘା ଛିଣ୍ଡାଇ ପର ବିଲବାଡିରେ ପଶି ଖାଉଥିବା ତୋଡୁକୁଣୀ ଗାଈ, ମଇଁଷିଙ୍କୁ ସେମାନଙ୍କ ଖୁରାରେ ଲମ୍ବା ଦଉଡି ବାନ୍ଧି ଛାଡି ଦିଆଯାଏ। ଇଂଲିଶ୍‌ରେ ଏହାକୁ କୁହାଯାଏ ଗିଭିଂ ଏ ଲଙ୍ଗ୍ ରୋପ୍। ବେକରେ ପଘା ବିନା ସେମାନଙ୍କୁ ଲାଗେ ଯେ ସେମାନେ ମୁକ୍ତ, ନିୟନ୍ତ୍ରଣ କରିବାକୁ କେହି ନାହାନ୍ତି। କିନ୍ତୁ ଏମିତି ହୁଏ ସେହି ଲମ୍ବା ଦଉଡି ସେମାନଙ୍କ ଖୁରାରେ ଗୁଡେଇ ହୋଇ ଛନ୍ଦି ହୋଇଯାଏ। ଭାରତବର୍ଷର ରାଜନୀତିର ଚିତ୍ର ସମାନ। ରାଜନେତା ଓ ରାଜନୈତିକ ଦଳଙ୍କୁ ସେହି ପ୍ରକାର ଲମ୍ବା ଦଉଡି ଦେଇ ଦିଅନ୍ତି ଭୋଟର। ସେମାନେ ନିଜକୁ ଅପରାଜେୟ ଭାବିଲା ବେଳକୁ ଛନ୍ଦି ହୋଇ ତଳେ ପଡି ଧୂଳି ଚାଟନ୍ତି କିମ୍ବା ଭୋଟର ସେହି ଦଉଡିକୁ ଧରି ଟାଣି ଦିଅନ୍ତି। ବିଜେପି ଗୁଜରାଟରେ ଓ ଆପ୍ ଦିଲ୍ଲୀରେ ଯଦି ଜିତିଲେ, ତାହା ହେଲେ ସରକାରରେ ଥାଇ ସେମାନେ ଯେଉଁ କାମ କରି ଦେଖାଇଛନ୍ତି ତାହାକୁ ଭୋଟର ପସନ୍ଦ କରିଛନ୍ତି। ସେଥିରେ ନରେନ୍ଦ୍ର ମୋଦି, ଅମିତ ଶାହ କିମ୍ବା ଅରବିନ୍ଦ କେଜରିଓ୍ୱାଲଙ୍କ କୌଣସି ଯାଦୁ ଛଡି କାମ କରିନାହିଁ। ପଞ୍ଜାବ ଅନୁରୂପ ସଫଳତା ଗୁଜରାଟ ଓ ହିମାଚଳ ପ୍ରଦେଶରେ ଦୋହରାଇବ ବୋଲି ଆପ୍ ଆଶା ବାନ୍ଧିଥିଲା। ତାହା ଫୁସ୍‌କି ଗଲା। ତେବେ ଗୁଜରାଟରେ ନିର୍ବାଚନରେ କେଜରିଓ୍ୱାଲଙ୍କ ଦଳ ଭିନ୍ନ ପ୍ରକାରେ ଲାଭବାନ ହୋଇଛି। ଜାତୀୟ ଦଳ ମାନ୍ୟତା ପାଇବା ଲାଗି ନିୟମ ହେଲା ଯେ ୪ଟି ରାଜ୍ୟରେ ଅନ୍ତତଃ ଦୁଇଟି ଲେଖାଏଁ ବିଧାନସଭା ଆସନ ଜିଣିବା ଦରକାର। ଆଗରୁ ଆପ୍ ଦିଲ୍ଲୀ ଓ ପଞ୍ଜାବରେ ସରକାର ଗଠନ କରିଛି। ଗୋଆରେ ବି ଏକାଧିକ ଆସନରେ ଜିଣି ନିଜ ସ୍ଥିତି ସେହି ରାଜ୍ୟରେ ସାବ୍ୟସ୍ତ କରିଛି। ଏବେ ଗୁଜରାଟରେ ପାଞ୍ଚଟି ଆସନରେ ଜିଣି ଆପ୍ ଏବେ ଜାତୀୟ ଦଳର ମାନ୍ୟତା ପାଇଛି । ଅପରପଟେ ଦିଲ୍ଲୀରେ ଆପ୍ ସରକାରର ପ୍ରଶାସନରେ ମହା ନଗରପାଳିକା ଜରିଆରେ ଭାଗ ବସାଇବାକୁ ବିଜେପି କଳବଳକୌଶଳ ସବୁ ଖଟାଇ ଦେଇଥିଲା। ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଓ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ସିବିଆଇ ଆପ୍ ନେତାଙ୍କ ଉପରେ ଘନଘନ ଚଢାଉ କଲେ। କିଛି ଫଳବତୀ ହେଲା ନାହିଁ। ଦିଲ୍ଲୀ ଭୋଟର ଆପ୍‌କୁ ପୌରଶାସନ ଡୋର ଦେଇଦେଲେ। ଭୋଟରଙ୍କ ମନ। ତାହାକୁ କଥା ଓ କାମରେ ଜିଣିଲେ ହିଁ ସେମାନଙ୍କ ଆଦର ବଳବତ୍ତର ରହିବ। ଅପପ୍ରଚାର, ଦୁଷ୍ପ୍ରଚାର, ବାହୁବଳ, ଅର୍ଥବଳର ପ୍ରଭାବ ସାମୟିକ।

**ସମ୍ପାଦକଙ୍କୁ ପତ୍ର ଓ ସମ୍ପାଦକୀୟ ପୃଷ୍ଠା**
**ଲାଗି ଲେଖା ପଠାଇବା ଠିକଣା**
ଇମେଲ୍- aadharodisha8@gmail.com
**ଯୋଗାଯୋଗ**-ପ୍ଲଟ୍ ନମ୍ବର-ପି-୪୨, ଲେନ୍-୧, ଫେଜ୍-୧,
ଶ୍ରୀକ୍ଷେତ୍ର ବିହାର, ଆଇଗିଣିଆ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା

# ବାଟବଣାର ସଙ୍ଗାତ ମୋବାଇଲ!

**ମାନସ ରଞ୍ଜନ ଶତପଥୀ**

ଆଲେକଜାଣ୍ଡାର ଗ୍ରାହାମବେଲ ୧୮୭୬ ମସିହାରେ ଟେଲିଫୋନ ଉଦ୍ଭାବନ କରି ଶବ୍ଦଗୁଡିକୁ ତରଙ୍ଗ ଆକାରରେ ପରିବର୍ତ୍ତନ କରାଇ ବିଶ୍ୱକୁ ଏକ ନୂତନ ସନ୍ଦେଶ ଦେଇଥିଲେ । କିନ୍ତୁ, ପ୍ରାୟ ୧୯୭୫ ମସିହାରେ ମାର୍ଟିନ କୁପର ନାମ୍ନୀ ଆମେରିକୀୟ ଯନ୍ତ୍ରୀ ମୋବାଇଲ ଫୋନର ସଫଳ ବ୍ୟାବହାରିକ ରୂପ ଠିକ୍ ପ୍ରୟୋଗ ପୂର୍ବକ ପ୍ରଥମେ ବ୍ୟବହାର କରିଥିଲେ । ସେତେବେଳେ ସାମାନ୍ୟ ମନୁଷ୍ୟର କଳ୍ପନାର ବାହାରେ ଥିବା ମୋବାଇଲ ଆଜି ଘରେ ଘରେ ପ୍ରତି ପକେଟରେ ବିଦ୍ୟମାନ । ଏକଦା ମୋବାଇଲ ଆଭିଜାତ୍ୟର ପରିଚୟ ଥିବା ବେଳେ ଆଜି ସମାଜର ନିମ୍ନତମ ଶ୍ରେଣୀର ହାତପାହାନ୍ତାରେ । ପୃଥିବୀରେ ଚୀନ ସର୍ବ ବୃହତ୍ ମୋବାଇଲ ବ୍ୟବହାରକାରୀ ଦେଶ ହୋଇଥିବା ବେଳେ ଭାରତ ଦ୍ୱିତୀୟ ଯେଉଁଠି ୧୨ ହଜାର ଲକ୍ଷ ଲୋକ ମୋବାଇଲ ବ୍ୟବହାର କରନ୍ତି । ସେ ମଧ୍ୟରୁ ୪୯୨.୮୩ ଲକ୍ଷ ସ୍ମାର୍ଟ ଫୋନ ବ୍ୟବହାରକାରୀ । ପ୍ରାୟ ୪.୮ କୋଟି ଜନସଂଖ୍ୟା ବିଶିଷ୍ଟ ଅପେକ୍ଷାକୃତ ପଛୁଆ ରାଜ୍ୟ ଓଡିଶାରେ ପ୍ରାୟ ୩.୪ କୋଟି ଲୋକଙ୍କ ପାଖରେ ମୋବାଇଲ ପହଞ୍ଚିଯାଇଛି । ଦୁଇ ହଜାର ମସିହା ପର୍ଯ୍ୟନ୍ତ ପ୍ରାୟ ଛାତ୍ର ସମାଜ ନିଜର ଅଭିଭାବକ ବା ପରିବାରଙ୍କୁ ଯୋଗାଯୋଗ ପାଇଁ ସ୍ଥଳ ଫୋନ ଉପରେ ନିର୍ଭର କରୁଥିଲେ ସେତେବେଳେ ପ୍ରାୟ ତୁରନ୍ତ ଯୋଗାଯୋଗର ଅନ୍ୟ ମାଧ୍ୟମ ନଥିବା ହେତୁ ପ୍ରତିଟି ସ୍ଥଳ ଫୋନ ଉପରେ ଅନେକ ଲୋକ ନିର୍ଭର କରୁଥିଲେ । ପ୍ରତି ପରିବାର ପାଇଁ ସ୍ଥଳ ଫୋନ ଦୁର୍ମୂଲ୍ୟ ଥିଲା, କାରଣ ଏହାର ବ୍ୟାବହାରିକ ମୂଲ୍ୟ ଅଧିକ ଥିଲା । ସମୟ ବଦଳିବା ସହିତ ମୋବାଇଲର ଆର୍ବିଭାବ ପରେ ସ୍ଥଳ ଫୋନ ଏବେ ମୃତପ୍ରାୟ ଏବଂ ମୋବାଇଲର ବ୍ୟବହାର ବହୁଳ ଓ ସୁଲଭ ହେଇପାରିଛି ।

ନିଃସନ୍ଦେହ, ମୋବାଇଲର ସୁଦୂର ପ୍ରସାରୀ ଉପଯୋଗିତା ରହିଛି ଯାହାକି ଆମେ ସମସ୍ତେ ଆଜି ଉପଲବ୍ଧି କରିପାରୁଛେ । ଏହା ଆଜି ଅନେକ ସୁବିଧାର ସୁଯୋଗ ଆମ ହାତ ପାହାନ୍ତାକୁ ପହଞ୍ଚାଇପାରିଛି । ବଜାରକୁ ନଯାଇ ମଧ୍ୟ ଆମ ଘରେ ବସି ସମସ୍ତ କାର୍ଯ୍ୟ ସୁଚାରୁ ରୂପେ କରିପାରୁଛେ । ଏକ ପ୍ରକାର କହିବାକୁ ଗଲେ ଆଜି ଦେଶର ସମସ୍ତ



କାର୍ଯ୍ୟ ମୋବାଇଲ ଦ୍ୱାରା ପରିଚାଳିତ । ଦଣ୍ଡେ ଯଦି ମୋବାଇଲ କାମ ନକଲା ତେବେ 'ଅନ୍ଧ ବାଡ଼ି ହଜାଇବା' ସଦୃଶ ଆମେ ବିବ୍ରତ ହୋଇଉଠେ । ଇଣ୍ଟରନେଟ ଓ ଗୁଗୁଲ ଯୋଗୁଁ ମୋବାଇଲ ଦ୍ୱାରା ଆବଶ୍ୟକ ତଥ୍ୟ ସମସ୍ତଙ୍କୁ ଉପକୃତ କରାଇଥାଏ ବିଶେଷ ଭାବେ ଛାତ୍ର ସମାଜ ଏହାର ବହୁଳ ଫାଇଦା ଉଠାନ୍ତି । ମୋବାଇଲ ଆମକୁ ରେଳ ଟିକଟ, ବ୍ୟୋମଯାନ ଯାତ୍ରା, ଡାକ୍ତରଖାନା ଟିକଟ, ଚଳଚ୍ଚିତ୍ର ଟିକଟ, ଦେଶ ଦୁନିଆର ଖବର, ପାଣିପାଗ, ମନୋରଞ୍ଜନ, ଔଷଧ କ୍ରୟ, ବ୍ୟାଙ୍କ ସେବା, ରାସ୍ତା ବିଷୟକ ଠିକ୍ ଜ୍ଞାନ, ସେୟାର ବଜାର, ଖେଳ ତଥା ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଅନେକ ବିଷୟରେ ସୁବିଧା ମାର୍ଗ କରାଇଥାଏ । ଯେ କୌଣସି ସଙ୍ଗୀନ ରୋଗ ବିଷୟରେ ଡାକ୍ତର କ'ଣ ପରାମର୍ଶ ଦେଲେ ତାହା ଠିକ କି ନା ଆମେ ଗୁଗୁଲ ଦ୍ୱାରା ମୋବାଇଲରେ ତୁରନ୍ତ ଜାଣିପାରୁଛୁ । ଏ ସବୁ ଜାଣିବାବେଳେ ମନେମନେ ଏହି ଯନ୍ତ୍ରର ଉଦ୍ଭାବକଙ୍କ ପ୍ରତି ଅଜାଣତରେ ଆମ କୃତଜ୍ଞତା ଚାଲିଯାଏ ।

ଦୁଇ ବର୍ଷ ପୂର୍ବେ କରୋନା ଅତର୍କିତ ମନୁଷ୍ୟ ଜଗତକୁ ଆକ୍ରମଣ କଲା ଏଥିରେ ବହୁ ଜନତା ଶିକାର ହେଲେ ସତ କିନ୍ତୁ ଏହି ସମୟରେ ସମସ୍ତ ଛାତ୍ର ସମାଜ ପରୋକ୍ଷରେ ମୋବାଇଲ ବ୍ୟାଧିର ଶିକାର ହୋଇଗଲେ ଯାହାର ଚିକିତ୍ସା ମିଳୁନାହିଁ । ବର୍ତ୍ତମାନ ତାହା କ୍ୟାନସରଠାରୁ ଅଧିକ ମାରାତ୍ମକ ହୋଇ ଉଭା ହେବାରେ ଲାଗିଛି ସମାଜ ପାଇଁ । ଅଭିଭାବକ ତଥା ସରକାର ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ସର୍ବାଗ୍ରେ ପ୍ରାଧାନ୍ୟ ଦେବା ହେତୁ ଏକ ବିକଳ୍ପ ସ୍ୱରୂପ ଆଭାସି ମାଧ୍ୟମରେ ପାଠପଢା ପ୍ରବର୍ତ୍ତନ କଲେ । ଏହି ସମୟଟି ଅତ୍ୟନ୍ତ କଷ୍ଟଦାୟକ ଥିଲା ଏବଂ ଯୁବ ସମାଜ ପାଇଁ ମୋଡଣୀ ଭଳି କାମକଲା । ଘରେ ଘରେ ସବୁ ପିଲାଙ୍କୁ ଏକ ସ୍ମାର୍ଟ ଫୋନ ହାତେଇବା ସୁଯୋଗ ଆସିଗଲା କାରଣ ଅଭିଭାବକ ଅନିଚ୍ଛା ସତ୍ତ୍ୱେ ମୋବାଇଲ ଦେବାକୁ ବାଧ୍ୟ ହେଲେ । ବର୍ତ୍ତମାନ, ଓଡ଼ିଶା ଜନସଂଖ୍ୟାର ୨.୫ କୋଟି ବିଭିନ୍ନ ବର୍ଗର ଛାତ୍ରଛାତ୍ରୀ ଥିବା ବେଳେ ଶତକଡ଼ା ୫୫ ଭାଗରୁ ଅଧିକ ସ୍ମାର୍ଟ ଫୋନଧାରୀ ।

ଏକ ପ୍ରକାର କହିବାକୁ ଗଲେ ଶିକ୍ଷାର୍ଥୀଙ୍କ ଅବନତିର ମୂଳଦୁଆ କରୋନା ଦ୍ୱାରା ସ୍ଥାପିତ । ସେମାନେ ପାଠ୍ୟପୁସ୍ତକ ପ୍ରତି ବିକର୍ଷିତ ହୋଇ ମୋବାଇଲ ପଛେ ପ୍ରତି ସେକେଣ୍ଡ ବ୍ୟସ୍ତ ରହି ପାଠପଢାରେ ମେନାନିବେଶ ନକରି ଖଳ କାର୍ଯ୍ୟକଳାପରେ ଲିପ୍ତ ରହି ନିଜକୁ ପଥଭ୍ରଷ୍ଟ କରୁଛନ୍ତି । ମୋବାଇଲରେ ଥିବା ହ୍ୱାଟ୍‌ସାପ୍, ଫେସବୁକ, ଟ୍ୱିଟର, ଇନଷ୍ଟାଗ୍ରାମ ଇତ୍ୟାଦିରେ ଯୁବସମାଜ ଲିପ୍ତ ରହି ସମୟ ନଷ୍ଟ କରିବା ବେଳେ ଦିନକୁ ଶହ ଶହ ଫଟୋ ତଥା 'ରିଲ' କରି ଉପରୋକ୍ତ ସୋସିଆଲ ମିଡିଆରେ ପ୍ରେରଣ କରିବାରେ ବ୍ୟସ୍ତ । 'ଆପ ଆନି' ସର୍ଭେ କମ୍ପାନୀ ଅନୁଯାୟୀ ୨୦୨୦ ମସିହାରେ ପ୍ରତି ଭାରତୀୟ ହାରାହାରି ଦୈନିକ ୪.୫ ଘଣ୍ଟା ମୋବାଇଲ ବ୍ୟବହାର କରୁଥିବାବେଳେ ତାହା ୨୦୨୧ ମସିହାରେ ବୃଦ୍ଧି ପାଇ ୪.୭ ଘଣ୍ଟାରେ ପହଞ୍ଚିଛି । ଏପରି ବ୍ୟବହାର ଆମେରିକୀୟଙ୍କ କ୍ଷେତ୍ରରେ ୨.୫ ଘଣ୍ଟା ଅଟେଛ ଏପରି ଅବସ୍ଥା ଦେଖିଲେ ଲାଗେ ସତରେ କ'ଣ ମୋବାଇଲ ମଣିଷକୁ ବାଟବଣା କରିଦେଇଛି କି?

ଛାତ୍ର ସମାଜ ସହିତ ଅନ୍ୟ ବର୍ଗର ମଣିଷ ମଧ୍ୟ ଏହି ସଂକ୍ରମଣରୁ ବାଦ ପଡ଼ିନି । ଭାରତ ବର୍ଷର ପ୍ରାୟ ସମସ୍ତ ମୋବାଇଲ ବ୍ୟବହାରକାରୀଙ୍କ ମୁଣ୍ଡ ବର୍ତ୍ତମାନ ତଳକୁ ହେଇଯାଇଛି, କାରଣ ସମସ୍ତେ ପ୍ରାୟ ସର୍ବଦା ମୁଣ୍ଡ ତଳକୁ କରି ମୋବାଇଲ ଦେଖୁଥାନ୍ତି । ଟ୍ରାଫିକ ପୁଲିସଠାରୁ ଆରମ୍ଭ କରି ହାସପାତାଳରେ ଥିବା ଆଇ.ସି.ୟୁ.ରେ ନିୟୋଜିତ ସେବିକା ତଥା ଡାକ୍ତର ନିଜର ଅତି ସମ୍ବେଦନଶୀଳ କର୍ତ୍ତବ୍ୟ ଅବହେଳା କରି ମୋବାଇଲରେ ଲିପ୍ତ ଥିବା ନଜିର ରହିଛି । ଶିକ୍ଷିତ ବେକାରୀଙ୍କ ଲାଗି ଅପରାଧ ସାମ୍ରାଜ୍ୟ ବିସ୍ତାର କରିବାରେ, ଲୁଟ ତଥା ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟପାଇଁ ଏହା ଏକ ଅନନ୍ୟ ସାଧନ ରୂପେ ଉଭା ହେଇଛି । ପ୍ରୌଢମାନଙ୍କର ନିଃସଙ୍ଗ ଜୀବନ ପାଇଁ ଏହା ମଧ୍ୟ ଏକ ଉତ୍ତମ ସାଥୀ ଯେଉଁଥିରେ କି ସେମାନେ ଖେଳିବା, ଖବର, ଚଳଚ୍ଚିତ୍ର, ଧାରାବାହିକ ଇତ୍ୟାଦିର ମଜା ନିଅନ୍ତି । ଦେଖିବାକୁ ମିଳୁଛି ମୋବାଇଲର ପରଦା ଆକାର ଦିନକୁ ଦିନ ବଢ଼ିବାରେ ଲାଗିଛି ଓ ଫଟୋ ଉଠାଇବା ପାଇଁ ଶକ୍ତିଶାଳୀ କ୍ୟାମେରାମାନ ଖଞ୍ଜା ଯାଉଛି । ଏତଦ୍ୱାରା ଟେଲିଭିଜନ ଓ ଫଟୋ କ୍ୟାମେରା କାରଖାନାର ପରିସ୍ଥିତି ରୋଗଗ୍ରସ୍ତ ହେବାକୁ ବସିଛି ।

ଛାତ୍ର ସମାଜ ପାଠପଢ଼ା ଛାଡ଼ି ପବଜି, କ୍ରସ ଫାୟାର, ମାଇନ କ୍ରାଫ୍ଟ ଇତ୍ୟାଦି ଅନେକ ମାରାତ୍ମକ ମୋବାଇଲ ଖେଳ ପ୍ରେମରେ ରାତି ଅନିଦ୍ରା ହୁଅନ୍ତି । ବର୍ତ୍ତମାନ ଯୁବକମାନେ ପ୍ରାକୃତିକ ଭାବେ ରାତିରେ ନ ଶୋଇ ଦିନରେ ଶୋଇବା ଦ୍ୱାରା ସେମାନଙ୍କ ଭବିଷ୍ୟତ ଅନ୍ଧାର ହେବା ସହିତ ନିଜ ସ୍ୱାସ୍ଥ୍ୟ ତଥା ଅଭିଭାବକଙ୍କ ପାଇଁ ଏକ ମୁଖ୍ୟ ସମସ୍ୟା ପାଲଟିଛନ୍ତି । ଏଥି ମଧ୍ୟରୁ ସରକାରଗୁଡିଏ ଖେଳକୁ ଭାରତରେ ନିଷିଦ୍ଧ କରିଥିଲେ ମଧ୍ୟ ପୁନଃ ମୋବାଇଲରେ ଉପଲବ୍ଧ ହେଉଛି ଯାହା ଅତ୍ୟନ୍ତ ଆଶ୍ଚର୍ଯ୍ୟକରଛ ଯୁବ ତଥା ଛାତ୍ର ସମାଜ ବୁଝିପାରନ୍ତିନି ଯେ ସାମୟିକ ଆନନ୍ଦ ତାଙ୍କର ଭବିଷ୍ୟତ ପ୍ରତି କେତେ ବିଧ୍ୱଂସକାରୀ । ସବୁଠାରୁ କଷ୍ଟ ପାଉଥିବା ବିଚରା ଅଭିଭାବକ କିନ୍ତୁ 'କିଂ କର୍ତବ୍ୟ ବିମୂଢ଼' ହୋଇ ଆଖିରୁ ଲୁହ ଗଡ଼େଇ ଈଶ୍ୱରଙ୍କୁ ଶରଣ ପଶିବା ଛଡ଼ା ଅନ୍ୟ ଉପାୟ ପାଏନାହିଁ କାରଣ ଆଜିର ପିଲା କେତେ ବାଟବଣା ସମସ୍ତେ ଜାଣନ୍ତି ।

ଅପରାଧ ଦୁନିଆର 'ରିମୋଟ କଣ୍ଟ୍ରୋଲ' କହିଲେ ମୋବାଇଲକୁ ହିଁ ବୁଝାଏ । କାରଣ ମୋବାଇଲ ଦ୍ୱାରା ପ୍ରାୟ ସମସ୍ତ ଅପରାଧ ନିୟନ୍ତ୍ରିତ । ସମଗ୍ର ଭାରତରେ ସର୍ବାଧିକ ଅପରାଧ ପ୍ରବଣ ରାଜ୍ୟ ଭାବେ ଦିଲ୍ଲୀ, ଉତ୍ତର ପ୍ରଦେଶ ସ୍ଥାନିତ ହୋଇଥିବା ବେଳେ ସାମଗ୍ରିକ ଭାବେ ମୋବାଇଲ ଏହାର ପ୍ରଚ୍ଛଦପଟ ନାୟକ । ସେହି ଅନୁପାତରେ ଓଡ଼ିଶା ତଥା ରାଜଧାନୀ ଭୁବନେଶ୍ୱର କଥା ନକହିବା ଉତ୍ତମ କାରଣ ଏଠି ମଧ୍ୟ ଚିତ୍ର କ୍ରମାଗତ ବିଗିଡ଼ିବାରେ ଲାଗିଛି । ମୋବାଇଲକୁ ବିନାଶକାରୀ ଆଖ୍ୟା ଦେବାର ଯଥାର୍ଥତା କେବଳ ସେହି ଅଭିଭାବକ ବୁଝି ପାରିବେ ଯାହାର ସନ୍ତାନ ପାଠପଢ଼ା ଛାଡ଼ି ନିଜ ଭବିଷ୍ୟତର ଦ୍ୱାହି ଦେଇ ସାରା ରାତ୍ରି ଏପରି ଖେଳରେ ଉଜାଗର ହୋଇ ଦିନରେ ନଖାଇ ନପିଇ ଶୋଇ ରହିଥାଏ । ସେଇ ରୋଗୀ ପରିଚାରକ କହି ପାରିବ ଯିଏ ଅତ୍ୟଧିକ ଅର୍ଥ ଖର୍ଚ ସତ୍ତ୍ୱ ମଧ୍ୟ ଆଇ.ସି.ୟୁ. ରେ ସାଲାଇନ ସରି ଯାଇଥିବା ସ୍ଥଳେ ସେବିକା ବା ଡାକ୍ତର ମୋବାଇଲରେ ବ୍ୟସ୍ତ ଥିବା ଦୃଶ୍ୟ ଦେଖିଛି । ମନୁଷ୍ୟର ଅବିଚ୍ଛେଦ୍ୟ ଅଙ୍ଗ ପାଲଟି ଥିବା ଏହି ମୋବାଇଲ ଅନେକ ବିବାହ ବିଚ୍ଛେଦ ତଥା ପରକୀୟା ପ୍ରୀତିର ପ୍ରତ୍ୟକ୍ଷ କାରଣ । ଯେ କୌଣସି ଅପରାଧିକ ଘଟଣା ମୋବାଇଲ ବ୍ୟବହାର ଦ୍ୱାରା ସମ୍ପନ୍ନ ହେବା କିମ୍ବା କୌଣସି ବିପଦରୁ ଆମେ ମୋବାଇଲ ଦ୍ୱାରା ମୁକ୍ତି ପାଇବା ଆମକୁ ବିଚାର କରିବାକୁ ବାଧ୍ୟ କରିବ: ଏହା ବାଟବଣା ମନୁଷ୍ୟର ଶତ୍ରୁ ନା ମିତ୍ର । ଅନ୍ତତଃ ପକ୍ଷେ ଯେପରି ବିଦ୍ୟାଳୟ ସ୍ତରରେ ମୋବାଇଲ କଟକଣା ସରକାରୀ ଭାବେ ବଳବତ୍ତର ସେହିପରି ଉଚ୍ଚ ଶିକ୍ଷାନୁଷ୍ଠାନରେ ମୋବାଇଲ ନିଷିଦ୍ଧ ଆଇନ ପ୍ରଣୟନ କରିବା ସମୟ ଉପଯୋଗୀ । ସରକାରୀ କଠୋରତା କେବଳ ମୋବାଇଲ କବଳରୁ ଯୁବବର୍ଗ ତଥା ଛାତ୍ର ସମାଜକୁ ରକ୍ଷାକରିପାରିବ କାରଣ ରାଷ୍ଟ୍ରର ଯୁବଶକ୍ତି ଯଦି ପଥଚ୍ୟୁତ ହେବ ତେବେ ଭବିଷ୍ୟତରେ ସେହି ରାଷ୍ଟ୍ରକୁ ହିଁ ସମ ପରିମାଣ ମୂଲ୍ୟ ଭରଣା କରିବାକୁ ପଡିବ ନିଃସନ୍ଦେହ ।

# ୧୦ ଲକ୍ଷ ୪୮ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ଆଗ୍ରହ

## ସରିଲା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ




ଭୁବନେଶ୍ୱର: ଶେଷ ହୋଇଛି ଶିଳ୍ପ ମହାକୁମ୍ଭ 'ମେକ୍ ଇନ୍ ଓଡିଶା କନକ୍ଲେଭ୍-୨୦୨୨' । ସଫଳ ହୋଇଛି ଏହି ବୃହତ୍ ନିବେଶକ ସମ୍ମିଳନୀ । କନ୍‌କ୍ଲେଭ୍‌କୁ ନିବେଶଙ୍କ ଆଡୁ ମିଳିଛି ଆଶାତୀତ ପ୍ରତିକ୍ରିୟା । ମେକ୍ ଇନ୍ ଓଡିଶା କନ୍‌କ୍ଲେଭ୍‌ର ଏହି ତୃତୀୟ ସଂସ୍କରଣରେ ରାଜ୍ୟ ସରକାରଙ୍କୁ ସର୍ବମୋଟ ସାଢ଼େ ଦଶ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିଛି । ଏହାଫଳରେ ରାଜ୍ୟରେ ୧୦.୫ ଲକ୍ଷ ପ୍ରତ୍ୟେକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ କହିଛନ୍ତି । କନ୍‌କ୍ଲେଭ୍‌ର ସଫଳତାରେ ଖୁସି ବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ ନିବେଶକମାନଙ୍କୁ ରାଜ୍ୟ ସରକାରଙ୍କ ଆଡୁ ପୂର୍ବାପେକ୍ଷା ଅଧିକ ସହଯୋଗର ଆଶ୍ୱାସନା ଦେଇଛନ୍ତି ।

'ମେକ୍ ଇନ୍ ଓଡିଶା କନ୍‌କ୍ଲେଭ୍-୨୦୨୨'ର ପ୍ରଥମ ସଂସ୍କରଣରେ ରାଜ୍ୟ ସରକାରଙ୍କୁ ୨ ଲକ୍ଷ କୋଟି ଏବଂ ଦ୍ୱିତୀୟ ସଂସ୍କରଣରେ ୪ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ପ୍ରସ୍ତାବ ମିଳିଥିଲା । ଚଳିତଥରର ତୃତୀୟ ସଂସ୍କରଣରେ ନିବେଶର ଏହି ସମସ୍ତ ରେକର୍ଡ ଭାଙ୍ଗିଛି । ୭୪୧ କମ୍ପାନୀ ଦେଖାଇଛନ୍ତି ଓଡ଼ିଶାରେ ନିବେଶ ଆଗ୍ରହ । କୋଭିଡ୍ ମହାମାରୀ ପରେ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ନିବେଶକଙ୍କ ଆଡୁ ଦେଖାଯାଇଥିବା ଏଭଳି ଆଗ୍ରହ ବହୁତ ଖୁସିର ବିଷୟ । ଏହି ନିବେଶ କିଭଳି ଭାବେ ସକାରାତ୍ମକ ରୂପ ନେଇ କାର୍ଯ୍ୟକ୍ଷମ ହେବ ସେ ନେଇ ଆମକୁ ମିଳିତ ଭାବେ କଠିନ ପରିଶ୍ରମ କରିବାକୁ ପଡିବ, ଯାହା ଓଡ଼ିଶାର ଅଭିବୃଦ୍ଧିକୁ ଏକ ନୂଆ ଯୁଗକୁ ନେଇଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ସଫଳତାରେ ନିବେଶକମାନଙ୍କୁ ଆଶ୍ୱାସନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଗାମୀ ଦିନରେ ରାଜ୍ୟ ସରକାର ନିବେଶକମାନଙ୍କୁ ଯୋଗାଇଦେଉଥିବା ସହାୟତାକୁ ଆହୁରି ତ୍ୱରିତ କରିବେ । ଏ ନେଇ ଆହୁରି ଆଲୋଚନା କରାଯିବ । ଏହା ଉଭୟ ପକ୍ଷଙ୍କ ଲାଗି ଲାଭଦାୟକ ହେବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ 'ମେକ୍ ଇନ୍ ଓଡିଶା କନ୍‌କ୍ଲେଭ୍-୨୦୨୨' ଆୟୋଜନରେ ସହାୟତା କରିଥିବା ନେଇ ଫିକିର ସମ୍ପୂର୍ଣ୍ଣ ଟିମ୍‌କୁ ଧନ୍ୟବାଦ ଦେଇଥିଲେ । କନ୍‌କ୍ଲେଭ୍ ନିମନ୍ତେ ସହଯୋଗୀ ରାଷ୍ଟ୍ର ଜାପାନ, ନରୱେ ଏବଂ ଜର୍ମାନୀକୁ ସ୍ୱତନ୍ତ୍ର ଧନ୍ୟବାଦ ଦେବା ସହ ଏହି ସହଯୋଗ ଆଗାମୀ ଦିନରେ ଓଡ଼ିଶା ସହ ସମ୍ପର୍କକୁ ଅଧିକ ସୁଦୃଢ଼ କରିବ ଏବଂ ପାରସ୍ପରିକ ବ୍ୟବସାୟ , ବାଣିଜ୍ୟ ଓ ଲୋକଙ୍କ ମଧ୍ୟରେ ସମ୍ପର୍କ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବ । ଆସନ୍ତୁ ଆମେ ସମସ୍ତେ ଜଗରନଟ୍‌କୁ ଆଗକୁ ବାଇନେବା ବୋଲି ମୁଖ୍ୟମନ୍ତ୍ରୀ ନିବେଶକ ସମୁଦାୟକୁ ଆହ୍ୱାନ ଦେଇଥିଲେ । ସମ୍ପୂର୍ଣ୍ଣ କନ୍‌କ୍ଲେଭ୍‌ର ମୁଖ୍ୟମନ୍ତ୍ରୀ ଭର୍ଚୁଆଲ୍‌ରେ ୧୦ ପ୍ରକଳ୍ପର ଉଦ୍‌ଘାଟନ ଏବଂ ୫ ପ୍ରକଳ୍ପର ଭୂମି ପୂଜନ କରିଛନ୍ତି । ଚଳିତଥର ଏଥର ଖଣିଜ, ଧାତବ ଓ ଆନୁଷଙ୍ଗିକ କ୍ଷେତ୍ରରୁ ସର୍ବାଧିକ ୧୪୫ଟି ପ୍ରସ୍ତାବ ଜରିଆରେ ୫,୪୯,୭୬୪ କୋଟି ଟଙ୍କାର ପୁଞ୍ଜିନିବେଶ ଆସିଥିବା ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା କହିଛନ୍ତି । କନ୍‌କ୍ଲେଭ୍ ଶେଷ ସୁଦ୍ଧା ରାଜ୍ୟ ସରକାରଙ୍କୁ ୧୦ ଲକ୍ଷ ୪୮ ହଜାର ୮୦୭ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ମିଳିଛି । ଏଥିରେ ୧୦ ଲକ୍ଷ ୩୭ ହଜାର ୭୦୧ ଲୋକଙ୍କ ପାଇଁ କର୍ମନିଯୁକ୍ତି ସୃଷ୍ଟି ହେବ । ଏହାପଛକୁ ଶକ୍ତି, ଅକ୍ଷୟ ଓ ସବୁଜ ଶକ୍ତି କ୍ଷେତ୍ରକୁ ୨,୩୮,୪୫୫ କୋଟି ଟଙ୍କାର ଦ୍ୱିତୀୟ ସର୍ବାଧିକ ପୁଞ୍ଜିନିବେଶ ପ୍ରସ୍ତାବ ଆସିଛି । ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୨ର ଉଦ୍‌ଯାପନୀ ସନ୍ଧ୍ୟାରେ ଶନିବାର ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ୧୦ ଲକ୍ଷ ୩୭ ହଜାର ୭୦୧ ପ୍ରତ୍ୟକ୍ଷ ଓ ପରୋକ୍ଷ କର୍ମନିଯୁକ୍ତି ସୃଷ୍ଟି ହେବା ନେଇ ଆଶା କରାଯାଉଛି । ସେହିପରି ୭୪୧ଟି ପ୍ରସ୍ତାବ ଆସିଛି ।

ମୁଖ୍ୟମନ୍ତ୍ରୀ ଆହୁରି ମଧ କହିଛନ୍ତି ଯେ ଏ ସଂସ୍କରଣରେ ଜାତୀୟ ଓ ଅନ୍ତର୍ଜାତୀୟ ନିବେଶକମାନେ ଓଡ଼ିଶାରେ ପୁଞ୍ଜି ଖଟାଇବାକୁ ଆଗ୍ରହ ଦେଖାଇଛନ୍ତି । ନିବେଶକମାନଙ୍କୁ ମୁଁ ପ୍ରତିଶ୍ରୁତି ଦେଉଛି, ରାଜ୍ୟ ସରକାର ସବୁ ପ୍ରକାର ସହଯୋଗ କରିବେ । ନୂଆ ଓଡ଼ିଶା ଗଠନରେ ସେମାନେ ଭାଗିଦାର ସାଜିବେ । ଫିକିର ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇବା ସହ କଣ୍ଟ୍ରି ପାର୍ଟନର ଜାପାନ, ନରୱେ ଓ ଜର୍ମାନୀକୁ ମଧ ଧନ୍ୟବାଦ ଦେଇଥିଲେ । ଏହାଦ୍ୱାରା ଶିଳ୍ପ, ବାଣିଜ୍ୟ ନେଇ ଆଗକୁ ସମ୍ପର୍କ ଅଧିକ ସୁଦୃଢ଼ ହେବ । ଏ ଅବସରରରେ ମେକ୍ ଇନ୍ ଓଡ଼ିଶା କନକ୍ଲେଭକୁ ସଫଳ କରାଇବାରେ ସମସ୍ତଙ୍କ ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ । ଏଥି ସହିତ ଆଜି ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ୨୦୨୨ର ଉଦ୍ୟାପନୀ ଅବସରରେ ଆକର୍ଷଣୀୟ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବୃହତ ଶିଳ୍ପ କ୍ଷେତ୍ରରେ ସର୍ବୋତ୍ତମ ସଂସ୍ଥା ଭାବେ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ଗ୍ରୁପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରସ୍କୃତ କରିଥିଲେ । ସେହିଭଳି ପିଏସୟୁ ବେଷ୍ଟ ଷ୍ଟଲ୍ ଭାବେ ଇଣ୍ଡିଆନ ଅଏଲ୍ କର୍ପୋରେସନ ଲିମିଟେଡ଼କୁ ଏବଂ ବେଷ୍ଟ ଡିପାର୍ଟମେଣ୍ଟ୍ ପାଭିଲିଅନ ବିଭାଗରେ ମିଶନ ଶକ୍ତି ଏବଂ ସ୍କିଲଡ଼ ଇନ ଓଡିଶାକୁ ପୁରସ୍କାର ଦିଆଯାଇଥିଲା । ମେକ୍ ଇନ୍ ଓଡ଼ିଶା କନକ୍ଲେଭରେ ଓଡ଼ିଶାର ୫୭ ଜଣ କ୍ଷୁଦ୍ର ଶିଳ୍ପଦ୍ୟୋଗୀଙ୍କୁ ମଧ ସମ୍ମାନିତ କରାଯାଇଥିଲା । ଏମାନଙ୍କ ମଧ୍ୟରେ ୧୬ ଜଣ ମହିଳା ଉଦ୍ୟୋଗୀ, ୨୩ ଜଣ କୃଷି ଓ ଖାଦ୍ୟ ସଂପର୍କୀତ ଉଦ୍ୟୋଗ, ୧୧ଟି ପ୍ଲାଷ୍ଟିକ ଶିଳ୍ପ ଏବଂ ୫ଟି ଡାଉନ୍‌ଷ୍ଟ୍ରିମ ଇଣ୍ଡଷ୍ଟ୍ରି ରହିଛି ।

# ଡ଼ଙ୍ଗରିଆଙ୍କୁ ଠକୁଛି ଓପଲିପି ସଂସ୍ଥା: ପ୍ରଶାସନ ଚୁପ୍



କଲ୍ୟାଣସିଂହପୁର/ରାୟଗଡା: ଓପଲିପି ସଂସ୍ଥାର ଦୁର୍ନୀତି ଚରମ ସୀମାରେ ପହଞ୍ଚି ଥିବା ବେଳେ ପ୍ରଶାସନ ହାତବନ୍ଧି ବସିଛି । ଚଳିତ ମାସ ସ୍ଥାନୀୟ ଡ଼ଙ୍ଗରିଆ ଲୋକମାନଙ୍କ ଅଭିଯୋଗ ଅନୁସାରେ ଗତ ନଭେମ୍ବର ୫ ତାରିଖରେ ଏହି ଦୁର୍ନୀତିର ପର୍ଦ୍ଦାଫାଶ କରାଯାଇଥିଲା । ମାତ୍ର ଏହାକୁ ସୁଧାରିବା ବଦଳରେ ନିରୀହ ଆଦିବାସୀଙ୍କୁ କିଛି ଗୁଣ୍ଡା ଶ୍ରେଣୀୟ ଲୋକଙ୍କ ଦ୍ୱାରା ଧମକାଇବା ଜଣାପଡିଛି । ୨୦୧୮ମସିହାରେ ପ୍ରଥମେ ମୁନିଗୁଡାରୁ ନିୟମଗିରି ପାହାଡ଼ ଉପରେ ଥିବା ସକଟା ନାଳର ବ୍ରିଜ ଭାଙ୍ଗିଯିବା ଦ୍ୱାରା ଆମ୍ଭର ମୁନିଗୁଡା ପ୍ରତିନିଧିଙ୍କ ଜରିଆରେ ଡଙ୍ଗରିଆ ମାନେ ହଇରାଣ ହରକତ ହେଉଥିବାର ଖବର ପ୍ରକାଶିତ ହେବାରୁ ତତ୍‌କାଳୀନ ଜିଲ୍ଲାପାଳଙ୍କ ନଜରକୁ ଆସିଥିଲା । ଯାହାକି ଯୁଦ୍ଧ କାଳୀନ ଭିତିରେ ଉକ୍ତ ବ୍ରିଜକୁ ତିଆରି କରାଗଲା । ବିଜ୍ରର ଆରପଟ ଆନୁମାନିକ ୪୦ ପରିବାର ଏହି ବ୍ରିଜ ଦ୍ୱାରା ଉପକୃତ ହୋଇ ଜିଲ୍ଲାପାଳଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହା ସହ ଆଉ ଏକ ବିଷୟ ଉଲେଖ କରିବାକୁ ବାଧ ହେଉଛି କି ପାରସାଲି ଘାଟୀ ଅଞ୍ଚଳରେ ଯେଉଁ ପ୍ରଧାନମନ୍ତ୍ରୀ ପାଇଖାନା ଯୋଜନା କରାଯାଇଛି ତାହା ସଂପୂର୍ଣ୍ଣ ଭାବରେ ଫେଲମାରିଛି । କାରଣ ଟିଣ ୩ଟି ଡେରିଦେଇ ଠିକାଦାର ଓ ଯନ୍ତ୍ରୀ ସବୁଟଙ୍କା ହଡପ କରିଥିବା ଚିତ୍ରରୁ ସ୍ପଷ୍ଟ ବାରିହେଉଛି ତାହା ତଦନ୍ତକଲେ ଜଣାପଡିବ । ଓପିଲିପି ସଂସ୍ଥା ନାମକ ସଂସ୍ଥା ଓଡିଶା ଆଦିବାସୀ ଶ୍ରମଜୀବୀ କୃଷି ଜୀବକା ମିଶନ ନାଁରେ ଡ଼ଙ୍ଗରିଆଙ୍କ ପୋଖରୀରେ କୃଷିର ଉତ୍ପାଦନ ଓ ଗ୍ରାମୀଣ ଅନ୍ତର୍ଗତ ଚାଷୀଙ୍କୁ ଆର୍ଥିକ ସହଯୋଗ କରିବା ସଂଗେ ସଂଗେ କାମ ଯୋଗାଇବା ପାଇଁ ଏହି ସଂସ୍ଥାକୁ ଦାୟିତ୍ୱ ଦେଇଛି ବିଭାଗ । ଏଥିପାଇଁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଥିବା ଜଣାପଡିଛି । ଯାହା କି ବିଭାଗୀୟ ଯନ୍ତ୍ରୀମାନେ ଚଳୁ କରୁଥୁବା ଦେଖିବାକୁ ମିଳିଛି । ଏହିଭଳି ଅଭିଯୋଗ ହେଉଛି କଲ୍ୟାଣସିଂହପୁର ବ୍ଲକ ଅଂଚଳରେ ଥିବା ଡ଼ଙ୍ଗରିଆଙ୍କ ଅଞ୍ଚଳରେ । ରାୟଗଡା ଜିଲ୍ଲାରେ ବିଷମକଟକ ଓ କଲ୍ୟାଣସିଂହପୁର ବ୍ଲକ୍‌ର କେତେକ ପଞ୍ଚାୟତରେ ଏହିସଂସ୍ଥା କାମ କରୁଥୁବା ଦେଖିବାକୁ ମିଳିଛି । ଏହାର ଅଧୀନରେ ଗ୍ରାମକୁ ପାନୀୟଜଳ ଯୋଗାଇବା, କୃଷି ଉତ୍ପାଦନ ଓ ଜଳସେଚନ ପାଇଁ ପୋଖରୀ ଖୋଳା, ସେଚନ ବ୍ୟବସ୍ଥା କରିବା, ଗୋପାଳନ ପାଇଁ ଗୁହାଳ ଗୃହର୍ନିର୍ମାଣ କରାଇଦେବା ଭଳି ଅନେକ ପ୍ରକଳ୍ପ ରହିଛି । ଯାହା କି ସବୁ ଅଧାପନ୍ତରିଆ ହୋଇ ପଡ଼ି ରହିଛି । ମନରେଗା ଯୋଜନାରେ ପଲିଗାଁ ଓ ରାଇଲିମର ପୋଖରୀ ଖନନ କରାଯାଇଥିଲେ ମଧ ଏହି କାମରେ ଜଣେ ହେଲେ ଶ୍ରମିକ ନିୟୋଜିତ ହୋଇ ନାହାଁନ୍ତି । ଜେସିବି ମାଧମରେ କାମକରି ଯନ୍ତ୍ରୀ ଓ ଠିକାଦାର ହଡପ କରିଥିବା ଜଣାପଡିଛି । ସେହିଭଳି ପଲିଗାଁର ଉପର ପଲି ପାଖରେ ଏକ ପୋଖରୀ ଖୋଳା ହେବାପାଇଁ ଗୋଟିଏ ଜେସିବି ମେସିନ ଆସି ରହିଛି । ଏହାର ନାମ ଫଳକ ଲଗାଯାଇନାହିଁ । ଏନେଇ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ କୌଣସି ଉତ୍ତର ମିଳିନି । ସେହିଭଳି ଜେସିବି ମେସିନରେ କାମ କରିବା ବେଆଇନ ଅଟେ । କାରଣ ଅଞ୍ଚଳର ଶ୍ରମିକଙ୍କୁ କାମ ଯୋଗାଇବା ଓ ଟଙ୍କା ରୋଜଗାର କ୍ଷମ କରିବା ଉଦ୍ୟେଶରେ ଏହି ଯୋଜନା । ସେହିଭଳି ଗୁହାଳ କଥା ନ କହିବା ଭଲ । କାରଣ ଏହି ଅଞ୍ଚଳର ପାଞ୍ଚୋଟି ଗୁହାଳ ଅଧାପନ୍ତରିଆ ହୋଇ ପଡିରହିଛି । ସେଗୁଡିକ ହେଲା ଗୋଶାଳାର ଅଭିମନ୍ୟୁ ହାତୀ, ଲବ ନାଗ, ଦାସୁରୁ ହୁଇକା, ଜଳଧର କଟିମ, ଚତୃର୍ଭୁଜ ହାତୀଙ୍କ ଶଳା ଓ ଆଲଜିନ ଗୁଡା ସାରଟି ଗ୍ରାମର ଅବସ୍ଥା ସମାନ ଦଶା ଅଟେ । ସେହିଭଳି ନନ୍ଦିନୀଗାଁରେ ପାନୀୟ ଜଳ ଯୋଗାଇଦେବା ନାଁରେ ଖାଲି ପାଇପ ବିଛାଇ ସବୁଟଙ୍କା ହଡପ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ପ୍ରକାଶ ଥାଉ କି ଏହି ଗ୍ରାମ ମାନଙ୍କରେ ପାନୀୟ ଜଳ ଅଭାବ ଥିବାରୁ ବିଡ଼ିଓଙ୍କୁ ଭେଟି ଫେରାଦ ହେଇଥିଲେ । ସେତେବେଳେ ଟ୍ୟାଙ୍କର ଜରିଆରେ ପାନୀୟ ଜଳ ଯୋଗାଇ ଦିଆଯାଇଥିଲା ତାପରେ ଘରକୁ ପାଣି ଯୋଗାଇଦେବା ନାଁରେ ଟଙ୍କା ଖର୍ଚ୍ଚହେଲା କିନ୍ତୁ ଲୋକ ଉପକୃତ ହେଇ ପାରି ନାହାନ୍ତି । ତେଣୁ ବିଭାଗୀୟ ଅବହେଳା ଓ ଯନ୍ତ୍ରୀଙ୍କ ମନମୁଖୀ କାମ ଯୋଗୁଁ ଏଭଳି ସରକାରୀ ଅର୍ଥ ବାଟ ମାରଣା ହେଉଛି । ତେଣୁ ଜିଲ୍ଲାପାଳ ଏଥିରେ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

# ଧାନ ବିକ୍ରି ସୁବ୍ୟବସ୍ଥିତ ନହେଲେ ଆନ୍ଦୋଳନ ଚେତାବନୀ

ଅମ୍ବାଭୋନା: ବରଗଡ ଜିଲ୍ଲା ସୀମାନ୍ତବର ଅମ୍ବାଭୋନା ବ୍ଲକ୍‌ରେ ଦୀର୍ଘ ୨୨ ବର୍ଷ ଧରି ଚାଷୀ ଧାନ ବିକ୍ରି ସମସ୍ୟା ନେଇ ସଂଘର୍ଷ କରୁଥିଲେ ମଧ୍ୟ ପ୍ରତ୍ୟେକ ବର୍ଷ ଧାନ କ୍ରୟ ବିକ୍ର ସମସ୍ୟା ଦେଖାଯାଇଛି ବୋଲି ଚାଷୀଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ସମସ୍ୟା ନେଇ ପ୍ରକାଶପୁର କୃଷକ ଭବନ ଠାରେ ଅମ୍ବାଭୋନା ବ୍ଲକ୍ ଲାଲବାହାଦୁର ଶାସ୍ତ୍ରୀ କୃଷକ ସଂଗଠନ ଓ ବାରପାହାଡ କୃଷକ ସଂଗଠନର ମିଳିତ ଆନୁକୂଲ୍ୟରେ ଚାଷୀମାନଙ୍କୁ ନେଇ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା । ଚାଷୀ ସଂଗଠନର ବରିଷ୍ଠ ସଦସ୍ୟ ଗୌରାଙ୍ଗ ପ୍ରଧାନଙ୍କ ଅଧକ୍ଷତାରେ ଧାନ ବିକ୍ରି ସମସ୍ୟା ନେଇ ଚାଷୀଙ୍କ ଧାନକୁ ଅନଲାଇନ ଏଣ୍ଟ୍ରି କରାଯିବା, ମାର୍କେଟ ୟାର୍ଡରେ ଚାଷୀଙ୍କ ଭଲ ଧାନ ପଡିଥିବା ଧାନକୁ କଟ୍‌ନୀ ଛଟ୍‌ନୀ ନକରି କୁଇଣ୍ଟାଲ ୨୦୪୦ ଟଙ୍କାରେ ଧାନ ଉଠାଇବା, ଯେଉଁ ଚାଷୀ ଟୋକନ ପାଇଛି ତାହାର ଧାନ କୁ ସିରିଏଲ ଅନୁସାରେ ୭ଦିନ ରେ ଧାନ ଉଠାଇବାର ବ୍ୟବସ୍ଥା କରାଯିବା ସଂପର୍କ ରେ ଆଲୋଚନା କରିଥଲେ । ଅନ୍ୟପକ୍ଷେ ମିଲ୍ ଏଜେଣ୍ଟ ଓ ବେପାରୀଙ୍କ କବ୍‌ଜାରେ ଶହ ଶହ ଚାଷୀଙ୍କ କୃଷକ ପରିଚୟ କାର୍ଡ ରଖି ମନମୁଖିରେ ଧାନ ଉଠାଯାଉଥିବା ଚାଷୀ ଗଣ ଅଭିଯୋଗ କରିଥିଲେ । ଚାଷୀ ଧାନ ସଫା ଥିଲେ ମଧ୍ୟ ବହୁ ଚାଷୀଙ୍କ ଧାନ ମଧ୍ୟ କଟ୍‌ନୀ ଛଟ୍‌ନୀ କରାଯିବା । ଧାନ ମଣ୍ଡିରେ ଦଲାଲ ଓ ବେପାରୀଙ୍କ ବୈମାତୃକ କାରବାର ନେଇ ସିଧା ସଳଖ ମିଲମାଲିକ ପରିବହନ ଭଡା ଖର୍ଚ୍ଚ ବହନ କରି ଖୁବ୍‌ଶୀଘ୍ର ଧାନ ଉଠାଇବାକୁ ଚାଷୀ ଗଣ ଦାବି କରିଛନ୍ତି । ଯଦି ଧାନ ବିକ୍ରି ସମସ୍ୟା ନେଇ ପ୍ରଶାସନିକ ସ୍ତରରେ କୌଣସି ଆଶୁ ସମାଧାନ କରାନଗଲେ ଆଗାମୀ ଦିନ ଦଳ ନିର୍ବିଶେଷରେ ଚାଷୀ ଆନ୍ଦୋଳନ କରାଯିବାକୁ କୃଷକ ସଂଗଠନ ଚେତାବନୀ ଦେଇଛନ୍ତି । ଏହି ବୈଠକରେ ଅମ୍ବାଭୋନା ବ୍ଲକ୍‌ର ଶତାଧିକ ଚାଷୀ, ସଚେତନ ନାଗରିକ, ଜନପ୍ରତିନିଧି, ବିଭିନ୍ନ ରାଜନୈତିକ ଦଳ, ସରପଞ୍ଚ ସଂଗଠନ, ବରିଷ୍ଠ ନାଗରିକ, ବିଭିନ୍ନ ଗଣମାଧମ ପ୍ରତିନିଧି ଆଦି ଉପସ୍ଥିତ ହୋଇଥିଲେ ।

THE AADHAR ODISHA
ଆଧାର ଓଡ଼ିଶା

# କଳା ଓ ସଂସ୍କୃତିର ମହାକୁମ୍ଭ: କୋଣାର୍କ ଉତ୍ସବ



କୋଣାର୍କ ସୂର୍ଯ୍ୟମନ୍ଦିରର ପାଦଦେଶ ମୁକ୍ତାକାଶ ରଙ୍ଗମଞ୍ଚରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା କଳା ଓ ସଂସ୍କୃତିର ମହାକୁମ୍ଭ ୩୩ତମ କୋଣାର୍କ ଉତ୍ସବ ସୋମବାର ସରିଛି । ଶାସ୍ତ୍ରୀୟ ବାଦ୍ୟ ଓ ସଂଗୀତର ତାଳେତାଳେ ନୃତ୍ୟାଙ୍ଗନାଙ୍କ ନୂପୁରର ନିକ୍ୱଣରେ ଝଙ୍କୃତ ହୋଇଛି ମୁକ୍ତକାଶ ରଙ୍ଗମଞ୍ଚ । ଉଦ୍‌ଘାଟନୀ ସନ୍ଧ୍ୟାରେଓଡ଼ିଶୀ ନୃତ୍ୟ ଓ କଥକ ନୃତ୍ୟରୁ ବାରି ହୋଇପଡ଼ିଛି ଉତ୍କୃଷ୍ଟ କଳାର ନିଦର୍ଶନ । ଶାସ୍ତ୍ରୀୟ ବାଦ୍ୟ, ନୃତ୍ୟ ଓ ସଙ୍ଗୀତର ତ୍ରିବେଣୀ ସଙ୍ଗମ ମହାପର୍ବ କୋଣାର୍କ ମହୋତ୍ସବ ମଞ୍ଚରେ ଆଲୋକ ଉଦ୍ଭାସିତ ହେବା ପରେପରେ ସୂର୍ଯ୍ୟମନ୍ଦିର ପାଦଦେଶରୁ ମୁକ୍ତକାଶ ରଙ୍ଗମଞ୍ଚରେ ପାଦ ଥାପିଥିଲେ ମାଲେସିଆରୁ ଆସିଥିବା ସୂତ୍ର ଫାଉଣ୍ଡେସନ୍‌ର ଓଡ଼ିଶୀ ନୃତ୍ୟଶିଳ୍ପୀମାନେ । ଏହି ବିଦେଶୀ କଳାକାରମାନେ ଓଡ଼ିଶୀ ନୃତ୍ୟକୁ ଅତି ନିଖୁଣ ଭାବେ ପରିବେଷଣ କରି ପ୍ରଥମ ସନ୍ଧ୍ୟାକୁ ରସସିକ୍ତ କରିତୋଳିଥିଲେ । ପରେ ପରେ କଥକ ନୃତ୍ୟ ପରିବେଷଣ ହୋଇଥିଲା ।

ସେହିପରି ରମ୍ୟ କଳାର କମନୀୟ ପ୍ରକାଶ ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ନିକଟରେ ଅବସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚର ଦ୍ୱିତୀୟ ସନ୍ଧ୍ୟା ଥିଲା ବେଶ ଆକର୍ଷଣୀୟ । ସୂର୍ଯ୍ୟାସ୍ତ ପରେ ଆକାଶରେ ଜହ୍ନର ଆଗମନ ପୂର୍ବରୁ ମୁକ୍ତାକାଶ ରଙ୍ଗମଞ୍ଚରେ ପାଦ ଥାପିଥିଲେ ଶାସ୍ତ୍ରୀୟ ବାଦ୍ୟ, ନୃତ୍ୟ ଓ ସଙ୍ଗୀତ ଜଗତର ସୁନାମଧନ୍ୟ କଳାକାର । ମଞ୍ଚରେ ଆଲୋକ ଉଦ୍ଭାସିତ ହେବାପରେ ବାଦ୍ୟ, ନୃତ୍ୟ ଓ ସଂଗୀତର ତ୍ରିବେଣୀ ସଙ୍ଗମରେ ନାଟ୍ୟମଣ୍ଡପ ପରିସର ଚଳଚଞ୍ଚଳ ହୋଇ ଉଠିଥିଲା । ଗ୍ୟାଲେରିପୂର୍ଣ୍ଣ ଦର୍ଶକ ଓ ପର୍ଯ୍ୟଟକଙ୍କ ସମାହାର ଦ୍ୱିତୀୟ ସନ୍ଧ୍ୟାର ହାଲକା ଶୀତୁଆ ପରିବେଶକୁ ଆହୁରି ମତୁଆଲା କରିଥିଲା । ତୃତୀୟ ସନ୍ଧ୍ୟାରେ ଓଡ଼ିଶୀ ଓ ମୋହିନି ଆଟ୍ଟମ ନୃତ୍ୟ ପରିବେଷଣ କରାଯାଇଥିଲା । ଶେଷ ସନ୍ଧ୍ୟାରେ ଓଡ଼ିଶୀ ଓ କୁଚିପୁଡ଼ି ନୃତ୍ୟର ମହାମିଳନ ପର୍ବର ମହାର୍ଘ ଉପସ୍ଥାପନରେ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି ।
















# ମଲାଇକାଙ୍କ ଶୋ 'ମୁଭିଂ ଓ୍ୱିଥ୍ ମଲାଇକା'

ବଲିଉଡ୍‌ର ମୁନି ତଥା ଫିଟ୍ ଅଭିନେତ୍ରୀ ମଲାଇକା । ବର୍ତ୍ତମାନ ମଲାଇକା ପୁଣି ଥରେ ଲାଇମଲାଇଟକୁ ଆସିଛନ୍ତି । ଏଥର ସେ ଅର୍ଜୁନ କପୁରଙ୍କ ସହ ନୁହେଁ ବରଂ ତାଙ୍କ ନୂଆ ଶୋ' 'ମୁଭିଂ ଓ୍ୱିଥ୍ ମଲାଇକା'କୁ ନେଇ । ତାଙ୍କ ରିୟଲିଟି ସୋ' 'ମୁଭିଂ ଓ୍ୱିଥ୍ ମଲାଇକା' ଏବେ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଛି । ନିକଟରେ ଏହି ଶୋର ଟିଜର ରିଲିଜ୍ ହୋଇଥିଲା । ଟିଜର୍‌ରେ ମଲାଇକା ନିଜର ପ୍ରିୟ ବନ୍ଧୁ କରୀନା କପୁରଙ୍କ ଛଡ଼ା ଫର୍‌ହା ଖାନ୍‌ଙ୍କ ସହ ବି କଥା ହେଉଥିବାର ଦେଖିବାକୁ ମିଳିଛି । ଏହା ମଧ୍ୟରେ ଗୋଟାଏ ମୁହୂର୍ତ୍ତରେ ମଲାଇକା ଖୁବ୍ ଭାବପ୍ରବଣ ହୋଇ ପଡୁଥିବାର ଦେଖିବାକୁ ମିଳିଥିଲା । ସେ ତାଙ୍କ ପୂର୍ବ ସ୍ୱାମୀ ଅରବାଜ ଓ ତାଙ୍କ ଜୀବନ ସହ ଯୋଡ଼ା କିଛି ନିଷ୍ପତ୍ତି ବିଷୟରେ କଥା ହୋଇ ଭାବପ୍ରବଣ ହୋଇ ପଡ଼ିଥିଲେ । ଏହି ଶୋ'ରେ ମଲାଇକାଙ୍କ ଜୀବନର କିଛି ଅଜଣା ମୋଡ୍ ବିଷୟରେ ଜାଣିବାକୁ ମିଳିବ । ଶୋ'ର ପ୍ରଥମ ଏପିସୋଡ୍ ବହୁତ ଭଲ ଥିଲା ଏବଂ ପ୍ରଥମ ଏପିସୋଡରେ ମଲାଇକା ନିଜ ଶୈଳୀରେ ନିଜର ପରିଚୟ ଦେଇଥିଲେ । ଚଳଚ୍ଚିତ୍ର ଜଗତ ପଛରେ ମଲାଇକାଙ୍କ ଜୀବନ କିପରି ରହିଛି ତାହା ଉପରେ ଏହି ଶୋ 'ଆଧାରିତ । ଏଭଳି ପରିସ୍ଥିତିରେ ଅଭିନେତ୍ରୀ ଶୋ'ରେ ଅରବାଜ ଏବଂ ତାଙ୍କ ସମ୍ପର୍କର କିଛି ରହସ୍ୟ ଖୋଲିଥିଲେ । ମଲାଇକା ଶୋ'ର ପ୍ରଥମ ଏପିସୋଡରେ, ମଲାଇକା ଫରାହଙ୍କ ସହ ଅରବାଜଙ୍କ ସହିତ ତାଙ୍କର ଭଙ୍ଗି ଯାଇଥିବା ବିବାହ ବିଷୟରେ ଆଲୋଚନା କରିଥିଲେ । ସେହି ସମୟକୁ ମନେ ପକାଇ ମଲାଇକା କହିଥିଲେ ଯେତେବେଳେ ସେ ଛାଡପତ୍ର ବିଷୟରେ ଚିନ୍ତା କରୁଥିଲେ, ସେତେବେଳେ ତାଙ୍କ ପୁଅ ଅରହାନ୍ ତାଙ୍କୁ ସମ୍ପୂର୍ଣ୍ଣ ସମର୍ଥନ କରିଥିଲେ । ଏହି ସମୟରେ ମଲାଇକା ଏହା ମଧ୍ୟ କହିଛନ୍ତି ଯେ ସେ ତାଙ୍କ ଜୀବନରେ ସର୍ବଦା ସଠିକ୍ ନିଷ୍ପତ୍ତି ନେଇଛନ୍ତି । ଏହା କହି ମଲାଇକା ଭାବପ୍ରବଣ ହୋଇ କାନ୍ଦିବାକୁ ଲାଗିଲେ । ଫରାହ ଏହା ଉପରେ କହନ୍ତି, 'ତୁମେ କାନ୍ଦିବା ସମୟରେ ମଧ୍ୟ ସୁନ୍ଦର ଦେଖାଯାଉଛ' । ଏହା ବ୍ୟତୀତ ମଲାଇକା କହିଥିଲେ, ମୁଁ ଅରବାଜଙ୍କୁ ବିବାହ ପାଇଁ ପ୍ରପୋଜ୍ କରିଥିଲି । ଅରବାଜ ଜଣେ ସ୍ୱିଟହାର୍ଟ । ଯେତେବେଳେ ମୁଁ ତାଙ୍କୁ ପ୍ରପୋଜ୍ କଲି, ସେ ସ୍ଥାନ ଏବଂ ସମୟ ବାଛିବା ପାଇଁ କହିଥିଲେ । ମଲାଇକାଙ୍କ କହିବା ଅନୁଯାୟୀ,ଦବଙ୍ଗ ଫିଲ୍ମ ପର୍ଯ୍ୟନ୍ତ ଉଭୟଙ୍କ ମଧ୍ୟରେ ସବୁକିଛି ଠିକ୍ ଥିଲା, କିନ୍ତୁ ଫିଲ୍ମ ରିଲିଜ୍ ହେବା ପରେ ଉଭୟଙ୍କ ମଧ୍ୟରେ ଦୂରତା ବଢିବାରେ ଲାଗିଲା । ଦୁହେଁଙ୍କ ମଧ୍ୟ ଝଗଡ ସୃଷ୍ଟି ହେଲା ।




# ରାମ୍ପ୍‌ରେ ମା' - ଛୁଆ



ଯେଉଁମାନେ ନିଜ କ୍ୟାରିୟର ଭାବରେ ମଡେଲିଂକୁ ବାଛିନେଇଛନ୍ତି, ସେମାନେ ନିଜର ରୂପ-ରଙ୍ଗଠାରୁ ଆରମ୍ଭ କରି ଶାରୀରିକ ଫିଟ୍‌ନେସ୍ ପର୍ଯ୍ୟନ୍ତ ବିଶେଷ ଧ୍ୟାନ ଦିଅନ୍ତି । ଏହା ନ କରିବେ ବା କାହିଁକି? କାରଣ ସେମାନେ ଯେତେବେଳେ ଫ୍ୟାଶନ ଶୋ'ରେ ରାମ୍ପରେ ଚାଲନ୍ତି, ସେତେବେଳେ ସମସ୍ତଙ୍କ ନଜର ସେମାନଙ୍କ ଉପରେ ଥାଏ । ଫ୍ୟାଶନ୍ ଶୋ' ବେଳେ ମଡେଲମାନେ ବିଭିନ୍ନ ପ୍ରକାର ଫ୍ୟାଶନେବଲ୍ ପୋଷାକରେ ନିଜକୁ ସଜେଇଥାନ୍ତି । ଯେଉଁଠି ରାମ୍ପ ଶୋ' ଏମିତି ହୋଇଥାଏ ସେଠି ଆପଣ କେବେ ଚିନ୍ତା କରି ପାରିବେ କି ଜଣେ ମହିଳା ନିଜ ପିଲାକୁ ଧରି ଅତି ମଫସଲି ପୋଷାକରେ ରାମ୍ପରେ ଚାଲିବା କଥା? ଏ କଥା ହୁଏତ ଆପଣ ଚିନ୍ତା କରି ନ ପାରନ୍ତି ଏଭଳି କିନ୍ତୁ କରି ଦେଖେଇଛନ୍ତି ଜଣେ ଆଦିବାସୀ ମହିଳା । ଏନେଇ ସେ ଏବେ ଚର୍ଚ୍ଚାରେ ଅଛନ୍ତି। ବାସ୍ତବରେ ଏହା ଏକ ଆଦିବାସୀ ଫ୍ୟାଶନ ଶୋ' ଥିଲା, ଯେଉଁଥିରେ ରାମ୍ପ୍‌ରେ ଜଣେ ମଡେଲଙ୍କୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଏହି ମଡେଲ୍ ଜଣକ ଏକ ଛୋଟ ପିଲାକୁ ଧରି ଚାଲୁଥିଲେ । ଏହି ମେଡେଲ୍ ଜଣଙ୍କ ଏକ ଧଳା ପୋଷାକରେ ନିଜକୁ ଆବୃତ କରି ଏକ ଖିରଖିଆ ପିଲାକୁ ଧରି ରାମ୍ପ୍‌ରେ ଚାଲୁଥିବା ଦେଖାଯାଏ । ଏହି ମଡେଲଙ୍କ ନାଁ ଅଲିଶା ଗୌତମ ଓରନ୍ ହୋଇଥିବା ବେଳେ ସେ ରାଞ୍ଚିର ବାସିନ୍ଦା । ତେବେ ବହୁ ବର୍ଷ ଧରି ଅଲିଶା ମଡେଲିଂ ଦୁନିଆର ଏକ ଅଂଶ ହୋଇଆସୁଥିଲେ ମଧ୍ୟ ଏହି ଶୋ ତାଙ୍କ ପାଇଁ ଅତ୍ୟନ୍ତ ସ୍ୱତନ୍ତ୍ର ଥିଲା । ଏହି ଶୋ' ମାଧ୍ୟମରେ ଅଲିଶା ଆଦିବାସୀ ସମାଜରେ ମହିଳାଙ୍କ ସ୍ଥିତି ଏବଂ ସେମାନଙ୍କର କଠିନ ପରିଶ୍ରମକୁ ଚିତ୍ରଣ କରିଛନ୍ତି । ପ୍ରାୟତଃ ଆଦିବାସୀ ସମାଜର ମହିଳାମାନେ ସେମାନଙ୍କୁ ପିଲାକୁ ନିଜ ଶରୀରରେ ଏକ ଗାମୁଛାରେ ବାନ୍ଧି କାମ କରୁଥିବା ଦେଖାଯାଏ । ଏଭଳି ପରିସ୍ଥିତିରେ ରାଞ୍ଚିର ଆଲିଶା ଗୌତମ ମହିଳାମାନଙ୍କ ପ୍ରତିନିଧିତ୍ୱ କରି ସେମାନଙ୍କ ସ୍ଥିତିକୁ ରାମ୍ପ ପର୍ଯ୍ୟନ୍ତ ନେଇଯାଇଛନ୍ତି । ସେ ନିଜ ଝିଅକୁ ଧରି ରାମ୍ପ୍‌ରେ ଚାଲିବା ଦ୍ୱାରା ମଡେଲିଂ ଦୁନିଆରେ ହଇଚଇ ଖେଳେଇ ଦେଇଛନ୍ତି । ଅଲିଶା କହିଛନ୍ତି ଯେ ଯେତେବେଳେ ଅନ୍ୟ ମହିଳାମାନେ ନିଜ ପିଲାଙ୍କୁ ଗାମୁଛାରେ ବାନ୍ଧି କଠିନ ପରିଶ୍ରମ ଏବଂ ଘର କାମ କରିପାରିବେ, ସେତେବେଳେ ସେମାନେ ନିଜ ପିଲାଙ୍କୁ ଧରି କାହିଁକି ମଡେଲିଂ ଦୁନିଆରେ ରାମ୍ପରେ ଚାଲିପାରିବେ ନାହିଁ? ଏକ ସାକ୍ଷାତକାରରେ ମଡେଲ ଅଲିଶା ଗୌତମ କହିଛନ୍ତି ଯେ ସେ କିଛି ଦିନ ପୂର୍ବରୁ ସ୍ଥାନୀୟ ଜତରା ଆଦିବାସୀ ଫ୍ୟାଶନ ଶୋ'ରେ ଭାଗ ନେବାକୁ ଆସିଥିଲେ । ଏହି ସମୟରେ ତାଙ୍କର ଦଶ ମାସର ଝିଅ ନାୟରା ମଧ୍ୟ ତାଙ୍କ ସହ ଥିଲା । ଯେତେବେଳେ ତାଙ୍କୁ ରାମ୍ପରେ ଚାଲିବା ପାଇଁ ଡକାଗଲା, ତାଙ୍କ ଝିଅ କାନ୍ଦିଲା ଆଉ ସେ ତା' ମା'କୁ ଛାଡିବାକୁ ପ୍ରସ୍ତୁତ ନଥିଲା । ଏଭଳି ପରିସ୍ଥିତିରେ ଅଲିଶା ପିଲାଟିକୁ ଏକ ଗାମୁଛାରେ ଗୁଡ଼ାଇ ନିଜ ଶରୀରରେ ବାନ୍ଧି ରାମ୍ପକୁ ଯାଇଥିଲେ । ଏହାକୁ ନେଇ ଲୋକେ କିପରି ପ୍ରତିକ୍ରିୟା

# ଶୀତଋତୁରେ କିପରି ବଢେଇବେ ରୋଗ ପ୍ରତିରୋଧକ ଶକ୍ତି

**ଶୀତଋତୁ ଆରମ୍ଭ ହୋଇଯାଇଛି । ଅଧିକାଂଶ ଲୋକ ଶୀତଋତୁକୁ ପସନ୍ଦ କରନ୍ତି । ଶୀତଦିନ ଯେତିକି ସୁଖଦ, ସେତିକି ରୋଗର କାରଣ ମଧ୍ୟ । ଏହି ଋତୁରେ ସଂକ୍ରମଣ ଅଧିକ ବ୍ୟାପୁଥିବାରୁ ଥଣ୍ଡା, ସର୍ଦ୍ଦି, ଜ୍ୱର ଭଳି ସମସ୍ୟା ଦେଖାଦେଇଥାଏ । ତେଣୁ ଶୀତଦିନେ ଆମର ରୋଗ ପ୍ରତିରୋଧକ ଶକ୍ତିକୁ ଅଧିକ ଶକ୍ତିଶାଳୀ କରିବା ଦରକାର । ରୋଗ ପ୍ରତିରୋଧକ ଶକ୍ତି ବଢାଇବା ଏବଂ ମଜବୁତ କରିବା ପାଇଁ ଆମ ଖାଦ୍ୟ ଉପରେ ମଧ୍ୟ ବିଶେଷ ଧ୍ୟାନ ଦେବାକୁ ପଡିଥାଏ । ଏପରି କିଛି ପଦ୍ଧତି ଅଛି ଯାହାକୁ ଆମେ ଆପଣେଇ ଶୀତଦିନେ ଆମର ପ୍ରତିରକ୍ଷା ପ୍ରଣାଳୀକୁ ମଜବୁତ କରିପାରିବା ।**

**ଡିମ୍ୱିରି ଓ କ୍ଷୀର:** ଡିମ୍ୱିରି ଅନେକ ପୋଷକ ତତ୍ତ୍ୱରେ ଭରପୂର । ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟର ପରିମାଣ ବହୁତ ଅଧିକ । ଏହା ଆମର ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ । ଏଥିରେ ପ୍ରୋଟିନ୍, ଜିଙ୍କ୍, କ୍ୟାଲ୍ସିୟମ୍, ମ୍ୟାଗ୍ନେସିୟମ୍, ଆଇରନ୍ ଏବଂ ଫାଇବରରେ ଭରପୂର ରହିଛି । ଡିମ୍ୱିରିର ବ୍ୟବହାର ଉଭୟ ଗ୍ରୀଷ୍ମ ଏବଂ ଶୀତଋତୁରେ କରାଯାଇ ପାରିବ । ଏହା ମଧ୍ୟ ଆମର ଷ୍ଟାମିନାକୁ ବଢାଇଦେଇଥାଏ । ଶୀତଦିନେ ଏହାକୁ କ୍ଷୀର ସହିତ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ଖୁବ ଶୀଘ୍ର ବଢିଥାଏ ।


**ଗୁଡ ବ୍ୟବହାର:** ଗୁଡ ଏକ ପ୍ରାକୃତିକ ମିଠା । ଗୁଡରେ ଲୌହ ଏବଂ ଖଣିଜ ପଦାର୍ଥ ଭରପୂର ଥାଏ । ଶୀତଋତୁରେ ଗୁଡ ଆମ ଶରୀରକୁ ଗରମ ରଖେ । ଦୈନିକ ଏହାର ଅଳ୍ପ ପରିମାଣ ଖାଇଲେ ସମଗ୍ର ଶରୀରରେ ରକ୍ତ ସଞ୍ଚାଳନର ସ୍ତର ବଜାୟ ରହିଥାଏ । ଯଦି ଅଧିକ ମାତ୍ରାରେ ଖାଆନ୍ତି ପେଟ ଗରମ କିମ୍ୱା ନାକରୁ ରକ୍ତସ୍ରାବ ହୋଇପାରେ ।

**ଅଁଳା:** ଭିଟାମିନ୍ ସି'ର ସର୍ବୋତ୍ତମ ଉତ୍ସ ହେଉଛି ଅଁଳା । ଏହା ଖୁବ୍‌ଶୀଘ୍ର ରୋଗ ପ୍ରତିରୋଧକ ଶକ୍ତିକୁ ବଢେଇଦିଏ । ଅଁଳା ଖାଇବା ଦ୍ୱାରା ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି ହୁଏ ଏବଂ କେଶ ଝଡିବା ମଧ୍ୟ କମିଯାଏ । ପ୍ରତିଦିନ ୧ଟି ଅଁଳା ଖାଇବା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ବହୁତ ଉପକାର ହୋଇପାରେ ।

**ଚ୍ୟବନପ୍ରଶ୍:** ଶୀତଋତୁ ଆସିଲେ ଅଧିକାଂଶ ଲୋକ ଚ୍ୟବନପ୍ରଶ୍ ବ୍ୟବହାର କରନ୍ତି । ଏହା ରକ୍ତକୁ ଶୁଦ୍ଧ କରିଥାଏ ଏବଂ ଋତୁକାଳୀନ ରୋଗରୁ ମଧ୍ୟ ରକ୍ଷା କରିଥାଏ । ଏହା ସ୍ମୃତି ଶକ୍ତିକୁ ମଧ୍ୟ ବଢାଇଥାଏ । ତେଣୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏହାକୁ ଥଣ୍ଡା ସମୟରେ ପିଲାମାନଙ୍କୁ ଖାଇବାକୁ ପରାମର୍ଶ ଦିଅନ୍ତି ।

**ତୁଳସୀ ପତ୍ର:** ତୁଳସୀ ଏକ ପ୍ରାକୃତିକ ଔଷଧ । ଗୋଟିଏ ପଟେ ଏହା ଅନେକ ଧାର୍ମିକ କାର୍ଯ୍ୟରେ ବ୍ୟବହୃତ ହୁଏ, ଅନ୍ୟ ପଟେ ଏହା ଅନେକ ରୋଗର ଚିକିତ୍ସା ପାଇଁ ମ ଧ୍ୟ ବ୍ୟବହୃତ ହୁଏ । ତୁଳସୀ ପତ୍ର ଅନେକ ଔଷଧୀୟ ଗୁଣରେ ଭରପୂର । ଏହା ଆମ ରୋଗ ପ୍ରତିରୋଧକ ଶକ୍ତିକୁ ତୁରନ୍ତ ଶକ୍ତିଶାଳୀ କରିଥାଏ । ପ୍ରତିଦିନ କିଛି ତୁଳସୀ ପତ୍ର ଖାଇଲେ ଏହା ଶ୍ୱସନ ପ୍ରକ୍ରିୟାକୁ ମଧ୍ୟ ଠିକ୍ ରଖିଥାଏ ।


**ହଳଦୀ ସେବନ:** ଆମ ରୋଷେଇ ଘରେ ଥିବା ହଳଦୀ ଏପରି ଏକ ଉପାଦାନ ଯାହା ଅନେକ ରୋଗ ପାଇଁ ରାମବାଣ ପରି କାମ କରେ । ହଳଦୀରେ ଅନେକ ପ୍ରକାରର ପୁଷ୍ଟିକର ଉପାଦାନ ରହିଛି । ଏଥିରେ ଆଣ୍ଟି-ଫ୍ଲାମେଟୋରୀ ଏବଂ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଅଛି ଯାହା ଆମର ରୋଗ ପ୍ରତିରୋଧକ ଶକ୍ତିକୁ ବଢାଇଥାଏ ।



THE AADHAR ODISHA
ଆଧାର ଓଡ଼ିଶା

# ‘ମଣ୍ଡେଇ’ ଲୋକ ମହୋତ୍ସବ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ

ନବରଙ୍ଗପୁର: ନବରଙ୍ଗପୁର ଜିଲାର ଲୋକ ମହୋତ୍ସବ ମଣ୍ଡେଇ ପାଇଁପ୍ରସ୍ତୁତି ଚୁଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଏ ସଂପର୍କରେ ଜିଲାପାଳଙ୍କର କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ତଥା ଜିଲାପାଳ ଡଃ.କମଳ ଲୋଚନ ମିଶ୍ର ଯୋଗଦେଇ ମଣ୍ଡେଇ ଲୋକ ମହୋତ୍ସବ ସଂପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ । ଆସନ୍ତା ଡିସେମ୍ବର ୧୦ରୁ ୧୨ ପର୍ଯ୍ୟନ୍ତ ମଣ୍ଡେଇ ମହୋତ୍ସବ ଅନୁଷ୍ଠିତ ହେବ । ଏହା ସହିତ ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ପଲ୍ଲୀଶ୍ରୀ ମେଳା ହେବ । ଗତ ୨୦୧୯ ର ମଣ୍ଡେଇ ଅପେକ୍ଷା ଏହା ଅଲଗା କରାଯାଉଥିବା କହିଥିଲେ । ଚଳିତଥର ପ୍ରଥମଥର ପାଇଁ ସର୍ବାଧିକ ମୋଟ ୩୬୦ଟି ଷ୍ଟଲ କରାଯାଉଛି । ଏହା ସହିତ ରାସ୍ତାକଡରେ ବସୁଥିବା ଉଠାଦୋକାନୀଙ୍କୁ ସ୍ବତନ୍ତ୍ର ଜାଗାରେ ବିନା ମୂଲ୍ୟରେ ପ୍ରଥମଥର ପାଇଁ ୧୬୦ଟି ଷ୍ଟଲ ଆବଣ୍ଟନ କରାଯିବ ବୋଲି କହିଥିଲେ । ପଲ୍ଲୀଶ୍ରୀ ମେଳା ସହିତ ଜିଲାର ବିଭିନ୍ନ ବିଭାଗର ଉନ୍ନୟନ ପ୍ରଦର୍ଶନୀ ରହିବ । ମଣ୍ଡେଇ ମହୋତ୍ସବ ପଡ଼ିଆରେ ୪୫ଟି ଖାଦ୍ୟଷ୍ଟଲ କରାଯାଉଛି । ଖାଦ୍ୟର ମାନକୁ ଖାଦ୍ୟ କମିଟି ତଦାରଖ କରିବ । ପାନୀୟ ଜଳ, ପାଇଖାନା ବ୍ୟବସ୍ଥା ପଡ଼ିଆର ଚାରିପଟେ କରାଯାଇଛି । ଏଥିପାଇଁ ୧୦ଟି ପାଇଖାନା ବ୍ଲକ କରାଯାଇଛି । ମହିଳାଙ୍କର ପାଇଁ ସ୍ୱତନ୍ତ୍ର ପାଇଖାନା ରଖାଯାଇଛି । ପାନୀୟ ଜଳ ପାଇଁ ୩ଟି ନଳକୂପରେ ପାଇପ ପାଣି ବ୍ୟବସ୍ଥା ହୋଇଛି । ସମଗ୍ର ପଡ଼ିଆରେ ଆଲୁଅ ପାଇଁ ୧୦ଟି ଲାଇଟ ଟ୍ୱାର କରାଯାଇଛି । ଏଥିପାଇଁ ଦୁଇଟି ଉଚ୍ଚକ୍ଷମତା ସଂପନ୍ନ ଟ୍ରାନ୍ସଫର୍ମର ବସାଯାଇଛ । ପଡ଼ିଆରେ ଜରୁରୀକାଳନୀ ସେବା ପାଇଁ ଅଗ୍ନିର୍ନିବାପନରେ ୨୪ ଜଣିଆ ଟିମ୍ ରଖାଯାଇଛି । ସ୍ୱାସ୍ଥ୍ୟସେବା ପାଇଁ ଆମ୍ବୁଲାନ୍ସ ବ୍ୟବସ୍ଥା ଓ ପୁଲିସ କଣ୍ଟ୍ରୋଲ୍ ରୁମ୍ ବ୍ୟବସ୍ଥା କରାଯାଇଛ । ଟ୍ରାଫିକ ଓ ପାର୍କିଂ ବ୍ୟବସ୍ଥା ପାଇଁ ପୁଲିସ ବିଭାଗକୁ ଦାୟିତ୍ୱ ଦିଆଯାଇଛି । ଏଥିରେ ୨୬ଟି



ସିସିଟିଭି କ୍ୟାମେରା ଲାଗିବଛ ପଲ୍ଲିଶ୍ରୀ ମେଳାର କଣ୍ଟ୍ରୋଲ ରୁମ ରଖାଯାଇଛି ।

ଏହି ଅବସରରେ ୧୦ ତାରିଖ ଦିନ ଅଧିଷ୍ଠାତ୍ରୀ ଦେବୀ ମା’ ଭଣ୍ଡାରଘରଣୀ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ସେଠାରୁ ଅପରାହ୍ଣ ୧.୩୦ରେ ଶୋଭାଯାତ୍ରା ବାହାରିବ । ମଣ୍ଡେଇ ପଡ଼ିଆରେ ୫.୩୦ ସୁଦ୍ଧା ପହଞ୍ଚିବ । ମହୋତ୍ସବର ୩ଦିନ ସନ୍ଧ୍ୟା ଉଦ୍‌ଘାଟନ ଉତ୍ସବ ୬ରୁ ୭.୩୦ ମଧ୍ୟରେ ଶେଷ ହେବ । ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ । ଏଥିରେ ୩ଟି ଅନ୍ୟ ରାଜ୍ୟ ରାଜ୍ୟ ସମେତ ଅନ୍ୟାନ୍ୟ ପ୍ରାୟ ୧୫ ଜିଲାରୁ ସାଂସ୍କୃତିକ ଦଳମାନେ ଭାଗ ନେବେ । ଏତାଛଡା ୫ଦିନ ଧରି ଅହୋରାତ୍ର ଦେଶିଆନାଟ ପରିବେଷଣ କରାଯିବ । ମଣ୍ଡେଇ ମହୋତ୍ସବର ଉଦଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଅନୁସୂଚୀତଜାତି ଓ ଜନଜାତି ବିଭାଗ ତଥା ଆଇନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା, ଜିଲାର ଲୋକସଭା ସାଂସଦ ଓ ରାଜ୍ୟସଭା ସାଂସଦ, ସମସ୍ତ ବିଧାୟକ, ଏସଡିସି ନିର୍ଦ୍ଦେଶକ ଓ ଜିଲା ପରିଷଦ ସଭାପତି ଯୋଗଦେବେ । ଦ୍ୱିତୀୟ ସନ୍ଧ୍ୟାରେ ଅତିରିକ୍ତ ମୁଖ୍ୟାଶାସନ ସଚିବ ସତ୍ୟବ୍ରତ ସାହୁ, ରାଜ୍ୟ କୃଷିବିଭାଗ ପ୍ରମୂଖ ଶାସନ ସଚିବ ଡଃ.ଅରବିନ୍ଦ କୁମାର ପାଢ଼ୀ, ସମବାୟ ବିଭାଗର ପ୍ରମୂଖ ସଚିବ ଚଢାଙ୍କ ସମେତ କୋରାପୁଟ, ମାଲକାନଗିରି,ରାୟଗଡ଼ା ଓ କଳାହାଣ୍ଡି ଜିଲାର ଜିଲାପାଳ ମାନେ ଯୋଗଦେବେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥୀ ଭାବେ ରାଜ୍ୟ ଯୋଜନା ଓ ସମନ୍ୱୟ ବିଭାଗର ମନ୍ତ୍ରୀ ରାଜେନ୍ଦ୍ର ଡୋଲକିଆ ସମେତ ଜିଲାର ସାଂସଦ ଓ ବିଧାୟକମାନେ ଯୋଗଦେବେ । ପଶ୍ଚିମ ଓଡ଼ିଶାର ଲୋକ ପ୍ରିୟ ମଣ୍ଟୁ ଛୁରିଆ ଗୃପ ଯୋଗଦେବେ ବୋଲି କହିଥିଲୋ ଏହି ମଣ୍ଡେଇ ମହୋତ୍ସବର ଅଧିକ ପ୍ରଚାର ପ୍ରସାର ପାଇଁ ଗଣମାଧ୍ୟମର ସହଯୋଗ କାମନା କରିଥିଲେ ।

ମଣ୍ଡେଇ ମହୋତ୍ସବରେ ଯୋଗଦେଇ ଉପଭୋଗ କରିବାକୁ ଜିଲାବାସୀଙ୍କର ଜିଲାପାଳ ଡଃ.ମିଶ୍ର ନିବେଦନ କରିଛନ୍ତି । ଉପଜିଲାପାଳ ପ୍ରଶାନ୍ତ କୁମାର ରାଉତ କହିଥିଲେଯେ, ମଣ୍ଡେଇ ମହୋତ୍ସବର ପ୍ରଥମ ଦିନର ଶୋଭାଯାତ୍ରାରେ ମା ଭଣ୍ଡାର ଘରଣୀ ମନ୍ଦିରରୁ ବାହାରିବ । ଏହି ଶୋଭାଯାତ୍ରାରେ ୧୬ଟି ସାଂସ୍କୃତିକ ଦଳ ଭାଗନେବେ । ବିଭିନ୍ନ ଦେବୀ ପୀଠରୁ ଆସିଥିବା ଲାଠି ଓ କୁର୍ଚ୍ଚି ରହିବ । ଏହି ଶୋଭାଯାତ୍ରା ପଡ଼ିଆରେ ପହଞ୍ଚିବା ପରେ ଭୀମାଭୀମାଣୀଙ୍କର ପୂଜାର୍ଚ୍ଚନା କରାଯିବ ବୋଲି କହିଥିଲେ । ଏସ୍ପି ଏସ୍.ସୁଶ୍ରୀ କହିଥିଲେ ଯେ, ମଣ୍ଡେଇ ମହୋତ୍ସବ ସୁରକ୍ଷା ପାଇଁ ୧୫ ପ୍ଲାଟୁନ ପୁଲିସ ବ୍ୟବସ୍ଥା କରାଯାଇଛି ।

# ଦାଦାବଟି ପାଇଁ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ବନ୍ଦ

ପିପିଲି: ଗ୍ରାମାଞ୍ଚଳର ଜନସାଧାରଣ ମାନଙ୍କ ପାଇଁ ପାନୀୟ ଜଳ ଯୋଗାଇ ଦେବାପାଇଁ ସରକାର ପୂର୍ଣ୍ଣ ସହଯୋଗ କରି କୋଟି କୋଟି ଟଙ୍କା ବ୍ୟୟବରାଦ କରିବାପାଇଁ ଆସୁଥିବା ବେଳେ କେତେକ ମୁଷ୍ଟିମେୟ ଲୋକ ପ୍ରତିନିଧି ମାନଙ୍କ ପିସି ଦାବିନେଇ କାର୍ଯ୍ୟ ନିମ୍ନମାନର ହେଉଥିବା ବେଳେ ଠିକାଦାର ମଧ୍ୟ କାର୍ଯ୍ୟ ଅଧାରୁ ଛାଡି ପଳାଇ ଯାଉଥିବା ଭଳି ସମସ୍ୟା ଦେଖିବାକୁ ମିଳୁଛି । ଯାହାକି ଗ୍ରାମାଞ୍ଚଳର ଜନସାଧାରଣ ପାନୀୟ ଜଳ ପାଇବାରୁ ବଞ୍ଚିତ ରହୁଛନ୍ତି । ଏଭଳି ସମସ୍ୟା ଦେଖା ଦେଇଛି ଖୋଦ ପିପିଲି



ବ୍ଲକରେ । ପିପିଲି ବ୍ଲକ ଅଧୀନ ବାଲିଉପର ଗାଁ ମୁଣ୍ଡରେ ୧ କୋଟି ୩୦ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇ ଏକ ଉଚ ପାଣିଟାଙ୍କି ନିର୍ମାଣ କରାଯାଉଛି । ଏହି କାର୍ଯ୍ୟ ନିମ୍ନମାନର ହେବା ସହିତ ବ୍ୟାପକ ଅର୍ଥ ଦୁର୍ନୀତି ହେଉଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ ଆଣୁଥିବା ବେଳେ ଏହାର ସୁଯୋଗ ନେଇ ପିପିଲି ବ୍ଲକର ଜଣେ ପଞ୍ଚାୟତ ସମିତି ସଭ୍ୟ କାର୍ଯ୍ୟରେ ଉପସ୍ଥିତ ରହୁଥିବା ଠିକାଦାରଙ୍କ ସହଯୋଗୀ ସୁପର ଭାଇଜରଙ୍କୁ ନିଜର ମୋଟା ଅଙ୍କର ପିସି ମାଗିଥିବା ଠିକାଦାର ପ୍ରକାଶ କରିଛନ୍ତି । ଯାହାକି ପିସି ଟଙ୍କାପାଇଁ ଠିକାଦାରଙ୍କ କାର୍ଯ୍ୟ ବନ୍ଦ ହୋଇଥିବା ପିପିଲି ବ୍ଲକ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ନିବେଦିତା ଷଡ଼ଙ୍ଗୀ କହିଛନ୍ତି । ଯାହାକି ଏହି ପିସି ମାଗିଥିବା ପଞ୍ଚାୟତ ସମିତି ସଭ୍ୟଙ୍କ କାର୍ଯ୍ୟ କଳାପକୁ ନେଇ ଦୁଇ ହଜାରରୁ ଉର୍ଦ୍ଧ ଜନସାଧାରଣମାନେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣରୁ ବଞ୍ଚିତ ରହିବେ ବୋଲି ବିଭିନ୍ନ ପ୍ରଶ୍ନ ଉଙ୍କି ମାରୁଛି । ତେଣୁ ଏଦିଗରେ ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ସଚିବ ଘଟଣାସ୍ଥଳ ଅନୁଧ୍ୟାନ କରିବା ପାଇଁ ସରସ୍ୱତୀପୁର ପଞ୍ଚାୟତର ବରିଷ୍ଠ ନାଗରିକ ମାନେ ଦାବି କରିଛନ୍ତି ।

# କ୍ୟାବିନ୍‌ରେ ବିତୁଛି ନିଃସଙ୍ଗ ଜୀବନ




ଭୁବନେଶ୍ୱର: କ୍ୟାବିନ ରେ ବିତୁଛି ଜୀବନ । ନା ମୁଣ୍ଡ ଗୁଞ୍ଜିବାକୁ ଭଲ ଘର ଖଣ୍ଡେ ଅଛି ନା ସୋଇବା ପାଇଁ ଯଥେଷ୍ଟ ଜାଗା । ଦୀର୍ଘ ୨୫ ବର୍ଷ ଧରି ଭଙ୍ଗା କ୍ୟାବିନରେ ଜୀବନ ବିତୁଛି ବୁଧେଶ୍ୱରଙ୍କର । ଖୋଦ୍ ଭୁବନେଶ୍ୱର ନୟାପଲ୍ଲୀ ବେହେରା ସାହି ଅଞ୍ଚଳର ବୁଧେଶ୍ୱର ସେଠୀ । ବାଙ୍କୀ ଅଞ୍ଚଳରେ ତାଙ୍କ ଘରଛସ୍ତ୍ରୀ ଛାଡ଼ି ବାପ ଘରକୁ ଚାଲି ଯିବା ପରେ ବାଙ୍କୀରୁ ବୁଧେଶ୍ୱର ଚାଲିଆସିଥିଲେ ଭୁବନେଶ୍ୱର । ରାଜଧାନୀରେ ଲୁଗା ପଟା ଇସ୍ତ୍ରି କରି ପେଟ ପୋଷୁଥିଲେ । କିନ୍ତୁ ବୟସ ଗଡିଗଲା ପରେ ହାତ ବି କାମ କରିବା ବନ୍ଦ କରିଦେଲା । ଆଉ ଆଗ ଭଳି ଇସ୍ତ୍ରୀ ଧରି ଲୁଗା ଆଇରନ କରିପାରିଲେନି ।

ଆଉ ଏବେ ଏହି କ୍ୟାବିନରେ ନିସଂଗ ଜୀବନ ବିତୁଛି । ସ୍ତ୍ରୀ ପିଲା ଥାଇ ବି ନଥିଲା ଭଳି । ନିଜ ଭାଗ୍ୟ କୁ ଆଦରି ପଡ଼ିରହିଛନ୍ତି ଏଠାରେ ବୁଧେଶ୍ୱର । କେବଳ ସରକାରୀ ସହାୟତା ହିସାବରେ ୫୦୦ ଟଙ୍କା ଭତା ଆଉ ୫ କେଜି ଚାଉଳ ପାଉଛନ୍ତି । ସେଥିରେ ନିଜେ ରୋଷେଇ କରି ଖାଇବା ସହ ପାଖ ପଡୋଶୀ ଯାହା ଦେଉଛନ୍ତି ସେଥିରେ ବର୍ଷ ପରେ ବର୍ଷ ବିତିଯାଉଛି । ଅନେକ ଜଣଙ୍କୁ କାକୁତି ବିନତୀ ହେଉଛନ୍ତି ଘର ଘଣ୍ଟେ ପାଇଁ । ସେତେକ ମଧ୍ୟ ମିଳୁନାହିଁ ।

## ଶିକ୍ଷା

ପ୍ରତିଯୋଗିତାମୂଳକ ପରୀକ୍ଷାରେ ଇଂଲିଶ୍ ବାକ୍ୟର ବ୍ୟାକରଣଜନିତ ଭ୍ରମ ସଂଶୋଧନ ଏକ ଅନିର୍ବାଯ୍ୟ ଅଙ୍ଗ। ଛାତ୍ରୀଛାତ୍ରଙ୍କ ବ୍ୟାକରଣ ଜ୍ଞାନ ବୃଦ୍ଧି ସକାଶେ ଆଧାର ଓଡ଼ିଶା ତରଫରୁ ଏହି ସ୍ତମ୍ଭକୁ ପ୍ରସ୍ତୁତ କରୁଛନ୍ତି ପ୍ରାଧ୍ୟାପକ ପ୍ରମୋଦ କୁମାର ରଥ।



# Correction of Errors

Wrong : Please inform to the students of the matter.
Right : Please inform the students of the matter.
Wrong : Egypt is called the gift of Nile River.
Right : Egypt is called the gift of the Nile River.
Wrong : Who had written this play?
Right : Who wrote this play? (Usually this type of question is put in Simple past tense)
Wrong : Sunday will be a holiday.
Right : Sunday is a holiday.
Wrong : She is in work.
Right : She is at work.
Wrong : The bowler is returning with bowed head to the pavilion End.
Right : The bowler is returning to the pavilion End with bowed head.('return' is a verb of movement. So it is immediately followed by 'adverb of place'.
Wrong : Eggs are sold in dozens.
Right : Eggs are sold by dozens.
Wrong : He gave a speech.
Right : He made a speech.
Wrong : He travelled abroad in air.
Right : He travelled abroad by air.
Wrong : What's wrong in you?
Right : What's wrong with you?

# ଜାନୁଆରୀ ପହିଲାରୁ ଶ୍ରୀମନ୍ଦିରରେ ସ୍ମାର୍ଟଫୋନ୍ ନିଷେଧ

ପୁରୀ: ଏବେ ଶ୍ରୀମନ୍ଦିର ଭିତରେ ନିଷିଦ୍ଧ ହେବ ସ୍ମାର୍ଟ ଫୋନ୍ । ୨୦୨୩ ଜାନୁଆରୀ ୧ ରୁ ଏହି କଟକଣା ଲାଗିବା ନେଇ ଛତିଶା ନିଯୋଗ ବୈଠକରେ ନିଷ୍ପତ୍ତି ହୋଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ଏନେଇ ସୂଚନା ଦେଇଛନ୍ତି । ମନ୍ଦିର ଭିତର ଓ ପରିସର ଫଟୋ ବାରମ୍ବାର ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ବୁଧବାର ଛତିଶା ନିଯୋଗ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି । କେବଳ ଜରୁରି ନୀତି ନିର୍ଘଣ୍ଟ ସୂଚନା ଦେବା ପାଇଁ ଶ୍ରୀମନ୍ଦିର କମାଣ୍ଡର ସ୍ମାର୍ଟ ଫୋନ୍ ବ୍ୟବହାର କରି ପାରିବେ । ଅନ୍ୟାନ୍ୟ ଅଧିକୃତ ଶ୍ରୀମନ୍ଦିରର ଅଧିକାରୀ ଓ ସେବାୟତମାନେ ସାଧାରଣ କିପ୍ୟାଡ ଥିବା ମୋବାଇଲ ବ୍ୟବହାର କରି ପାରିବେ । ପୂର୍ବରୁ ଭକ୍ତମାନେ ଶ୍ରୀମନ୍ଦିରକୁ ମୋବାଇଲ ନେବା ଉପରେ ସମ୍ପୂର୍ଣ୍ଣ କଟକଣା ରହିଛି । କେବଳ ଅଧିକାରୀ ଓ ଅଧିକୃତ ସେବାୟତ ମାନେ ଶ୍ରୀମନ୍ଦିର ଭିତରେ ସ୍ମାର୍ଟ ଫୋନ ବ୍ୟବହାର କରୁଥିଲେ । ଆଜି ଛତିଶା ନିଯୋଗ ବୈଠକରେ ଏନେଇ ବିଚାର ବିମର୍ଶ ହେବା ପରେ ଏଭଳି କଟକଣାକୁ ସର୍ବ ସମ୍ମତି ମିଳିଛି ।

# ବର୍ଷାଙ୍କ ଉପରେ ଭୋଟ୍ ବର୍ଷା, ବିଜେପି ନିରାଶ



ଭୁବନେଶ୍ୱର: ପଦମପୁର ଉପର୍ନିର୍ବାଚନ ଫଳାଫଳ ଆସିଛି । ବିଜେଡି ପ୍ରାର୍ଥୀ ବର୍ଷା ସିଂ ବରିହା ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ପ୍ରଦୀପ ପୁରୋହିତଙ୍କୁ ୪୨ ହଜାର ୬୭୯ ଭୋଟ୍ ପରାସ୍ତ କରିଛନ୍ତି । ଗଣତି ଆରମ୍ଭରୁ ହିଁ ବର୍ଷା ବିଜେପି ପ୍ରାର୍ଥୀଙ୍କ ଉପରେ ଭାରି ପଡ଼ିଥିଲେ । ପ୍ରତି ରାଉଣ୍ଡରେ ବିଜେଡ଼ି ସଂଖ୍ୟାଧିକ ଭୋଟ୍ ସହିତ ବିଜେପି ଠାରୁ ଆଗରେ ରହିଥିଲା । କୌଣସି ଗୋଟିଏ ରାଉଣ୍ଡରେ ମଧ୍ୟ ବିଜେପି ଭୋଟରେ ବିଜେଡ଼ିକୁ ପଛରେ ପକାଇ ପାରିନଥିଲା । ବିଜେଡି ପ୍ରାର୍ଥୀ ବର୍ଷା ସିଂ ବରିହାଙ୍କୁ ପଦ୍ମପୁର ଭୋଟର ସମର୍ଥନ ଦେଇଛନ୍ତି । ବିଜେପିର ସବୁ ପ୍ରକାରର ନକରାତ୍ମକ ପ୍ରଚାରକୁ ଭୋଟର ପ୍ରତ୍ୟାଖାନ କରି ପ୍ରସଙ୍ଗ ଭିତ୍ତିକ ନିର୍ବାଚନକୁ ସମର୍ଥନ କରିଥିବା ଉପର୍ନିର୍ବାଚନ ଫଳାଫଳରୁ ପ୍ରମାଣିତ ହୋଇଛି । ବିଜେପି କେବଳ ପ୍ରଚାରର ହାୱା ସୃଷ୍ଟି କରି ଉପର୍ନିର୍ବାଚନୀ ବୈତରଣୀ ପାର ହେବା ଲକ୍ଷ୍ୟରେ ଥିଲା ବୋଲି ରାଜନୈତିକ ବିଶ୍ଳେଷକ କହିଛନ୍ତି । ବର୍ଷାଙ୍କୁ ମୋଟ ୧ ଲକ୍ଷ ୧୮ ହଜାର ୮୫୮ ଭୋଟ ମିଳିଛି । ଅନ୍ୟପକ୍ଷରେ ବିଜେପିର ପ୍ରଦୀପ ପୁରୋହିତଙ୍କୁ ୭୭ ହଜାର ୧୮୫ ଭୋଟ୍ ମିଳିଛ । ସେହିଭଳି କଂଗ୍ରେସର ସତ୍ୟଭୂଷଣ ସାହୁଙ୍କୁ ମିଳିଛି ୩୫୩୧ ଖଣ୍ଡ ଭୋଟ ।

### ବଦଳୁନି କଂଗ୍ରେସ ଭାଗ୍ୟ

କଂଗ୍ରେସ ନିଜର ସର୍ବାଧିକ ପସନ୍ଦ ଏବଂ ଅଭିଜ୍ଞତାସଂପନ୍ନ ଚେହେରାକୁ ଟିକଟ୍ ଦେଇଥିଲା । ତିନିଥର ବିଧାୟକ ସାଙ୍ଗକୁ ମୁଖ୍ୟ ସଚେତକ ଥିବା ସତ୍ୟଭୂଷଣ ସାହୁ ଏଥର ବିଜୟ ବାଟ ଦେଖିବା ତ ଦୂରର କଥା ନିଜ ଅମାନତ ବି ହରାଇଛନ୍ତି । ଓଡ଼ିଶାରେ ଉପର୍ନିର୍ବାଚନ କଂଗ୍ରେସ ପାଇଁ ଅଭିଶାପ ପାଲଟିଛି । ପ୍ରତି ଉପର୍ନିର୍ବାଚନରେ କଂଗ୍ରେସ ପୂର୍ବାପେକ୍ଷା ଅଧିକ ଦୁର୍ବଳ ହେବାରେ ଲାଗିଛି । ଅଧିକାଂଶ ଉପର୍ନିର୍ବାଚନରେ ଦଳ ଅମାନତ ହରାଉଥିବା ବେଳେ ପଦ୍ମପୁର ଉପର୍ନିର୍ବାଚନରେ ଶୋଚନୀୟ ପରାଜୟର ସମ୍ମୁଖୀନ ହୋଇଛି । ପଦ୍ମପୁର ଉପର୍ନିର୍ବାଚନରେ କଂଗ୍ରେସକୁ ମିଳିଛି ୩୫୯୪ ଖଣ୍ଡ ଭୋଟ୍ । ପଦ୍ମପୁରରେ କଂଗ୍ରେସର ଏହି ଶୋଚନୀୟ ପରାଜୟକୁ ଦଳର କର୍ମୀମାନେ ସହଜରେ ଗ୍ରହଣ କରିପାରୁନାହାଁନ୍ତି । ହାରିବା–ଜିତିବା ରାଜନୀତିରେ ଲାଗି ରହିଥାଏ । ମାତ୍ର ସମ୍ମାନର ସହ ହାରିବା ପାଇଁ ମଧ୍ୟ ଦଳ ବଳ ଯୋଗାଡ଼ କରିପାରୁନାହିଁ ଦଳର ଏଭଳି ସ୍ଥିତି ପାଇଁ କିଏ ଦାୟୀ ଓ କାହିଁକି ଦଳ ସହ ଜନମତ ରହୁନାହିଁ, ସେନେଇ କର୍ମୀମାନେ କଂଗ୍ରେସନେତାଙ୍କୁ ପ୍ରଶ୍ନ ପଚାରିବା ଆରମ୍ଭ କଲେଣି । ଗତ ତିନି ବର୍ଷ ମଧ୍ୟରେ ବାଲେଶ୍ୱର,ବିଜେପୁର, ତିର୍ତ୍ତୋଲ, ପିପିଲି, ଧାମନଗର, ବ୍ରଜରାଜନଗର, ପଦ୍ମପୁର ବିଧାନସଭା କ୍ଷେତ୍ରରେ ଉପର୍ନିର୍ବାଚନ ହୋଇଛି । ଏହି ସବୁ ନିର୍ବାଚନରେ କଂଗ୍ରେସ ବିଜୟୀ ହେବା ତ ଦୂରର କଥା, ପୂର୍ବ ସାଧାରଣ ନିର୍ବାଚନରେ ପାଇଥିବା ଭୋଟ୍‌କୁ ବଞ୍ଚାଇବାରେ ମଧ୍ୟ ସଫଳ ହୋଇପାରିନାହିଁ ।

### ଦଳୀୟ ନେତାଙ୍କ ମନ୍ତବ୍ୟରେ ମର୍ମାହତ ରମାରଞ୍ଜନ

ପଦ୍ମପୁର ଆସନରେ ବିପୁଳ ବିଜୟ ହାସଲ କରିଛି ବିଜେଡି । ନିକଟତର ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କୁ ୪୨ ହଜାରରୁ ଅଧିକ ଭୋଟ୍ରେ ପରାଜିତ କରିଛନ୍ତି ବର୍ଷା । ସେପଟେ ପଦ୍ମପୁର ଫଳାଫଳକୁ ନେଇ ପ୍ରତିକ୍ରିୟା ଦେଇଛନ୍ତି ବର୍ଷା ସିଂହଙ୍କ ଶ୍ୱଶୁର ରମା ରଞ୍ଜନ ବଳିୟାରସିଂହ । ବୋହୂର ବିଜୟକୁ ନେଇ ଖୁସି ଜାହିର କରିବା ସହ ପ୍ରଚାର ବେଳେ ବୋହୂ ପ୍ରତି ହୋଇଥିବା ବ୍ୟକ୍ତିଗତ ଆକ୍ଷେପକୁ ନେଇ ଦୁଃଖିତ ପ୍ରକାଶ କରିଛନ୍ତି । ରମାରଞ୍ଜନ ପ୍ରତିକ୍ରିୟା ଦେଇ କହିଛନ୍ତି, ମୋ ବୋହୂଙ୍କୁ ବ୍ୟକ୍ତିଗତ ଭାବେ ଆକ୍ଷେପ ମୋତେ ଆଦୌ ଭଲ ଲାଗିଲା ନାହିଁ । ଏହା ମୋ ପରିବାରକୁ କଷ୍ଟ ଦେଇଛି । ମୋ ବୋହୂ ବର୍ଷା ଏବଂ ମୋତେ ନେଇ ବହୁ ଚର୍ଚ୍ଚା ହୋଇଥିଲା । ମୁଁ ବିଜେପିର ଜଣେ ଶୃଙ୍ଖଳିତ କର୍ମୀ । କିନ୍ତୁ କିଛି ବରିଷ୍ଠ ନେତା ମୋ ବୋହୂକୁ ଯେଉଁଭଳି ଭାବରେ ମନ୍ତବ୍ୟ ଦେଇଛନ୍ତି ତାହାକୁ ମୁଁ ସହଜରେ ଗ୍ରହଣ କରି ପାରୁନି । ଗଣତାନ୍ତ୍ରିକ ରାଷ୍ଟ୍ରରେ ବ୍ୟକ୍ତିଗତ ଭାବେ ଆକ୍ଷେପ ସମ୍ପୂର୍ଣ୍ଣ ନିନ୍ଦନୀୟ । ନିର୍ବାଚନ ପଦ୍ମପୁରରେ କିନ୍ତୁ ଚର୍ଚ୍ଚା ସତ୍ୟବାଦୀକୁ ନେଇ । ସେ ବର୍ଷା ସିଂ ବରିହା ନୁହଁନ୍ତି ବରଂ ବର୍ଷା ସିଂ ବଳିୟାରସିଂହ । ଯେଉଁଭଳି ଭାବେ ନେତାଏ କଟାକ୍ଷ କଲେ ତାହା ମୋତେ କଷ୍ଟ ଦେଇଛି । ସେଥିପାଇଁ ମୁଁ ମର୍ମାହତ ।

### ବିଜେଡି ପକେଟ୍‌ରେ କଂଗ୍ରେସ ଭୋଟ୍

କଂଗ୍ରେସର ଦୁର୍ବଳ ପ୍ରତିଦ୍ୱନ୍ଦ୍ୱିତା ବିଜେଡିକୁ ସୁହାଇଲା ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି । କଂଗ୍ରେସ ଭୋଟ ବିଜେଡି ନିଜ ସପକ୍ଷରେ ନେବାରେ ସଫଳ ହୋଇଥିବା କୁହାଯାଉଛି । ଯଦ୍ୱାରା କଂଗ୍ରେସ୍ ସର୍ବାଧିକ କ୍ଷତିଗ୍ରସ୍ତ ହେବା ସହ ବିଜେଡି ବଡ଼ ଅଗ୍ରଣୀ ପାଇଛି । ପୂର୍ବ ପରିସଂଖ୍ୟାନ ଭିତ୍ତିରେ କଂଗ୍ରେସ ଅତିକମ୍‌ରେ ୩୦ହଜାର ଭୋଟ୍ ସୁନିଶ୍ଚିତ ରହିବ ବୋଲି ଦାବି କରୁଥିଲା । ୨୦୧୪ରେ ଦଳ ୩୧,୧୭୯ ଏବଂ ୨୦୧୯ରେ ୩୨,୭୮୭ ଭୋଟ୍ ପାଇଥିଲା । ତିନିଥର ବିଧାୟକ ଥିବା ସତ୍ୟଭୂଷଣ ସାହୁ ୧୯୮୦ରେ ୪୨.୫୮%, ୧୯୮୫ରେ ୬୪.୪୯% ଏବଂ ୨୦୦୪ରେ ୫୧.୨୭% ଭୋଟ୍ ପାଇଥିଲେ । ତେଣୁ ଏଥର ଅତିକମ୍ରେ ୩୦ହଜାର ଭୋଟ୍ ପାଇବାକୁ ଦଳ ଆଶାବାଦୀ ଥିଲା ।

### ଟେକ ରଖିଲେ ଆଗ ଧାଡ଼ିର ନେତା

ଧାମନଗରର ଫଳାଫଳ ପଦ୍ମପୁର ଉପର୍ନିର୍ବାଚନ ପାଇଁ ଚାପ ପକାଇ ଦେଇଥିଲା । ଧାମନଗରରେ ବିଜେଡି ହାରିଥିବାରୁ ପଦ୍ମପୁର ପାଇଁ ଦଳ ନିଶ୍ଚିତ ଭାବେ ଚିନ୍ତାରେ ପଡ଼ିଥିଲା । ଅନ୍ୟପକ୍ଷରେ, ଧାମନଗରର ବିଜୟ ପଦ୍ମପୁରରେ ଦୋହରାଇବାକୁ ବିଜେପି ଉତ୍ସାହିତ ରହିଥିଲା । ତେବେ ସର୍ବାଧିକ ଚାପଗ୍ରସ୍ତ ଥିଲା ବିଜେଡି ଶିବିର । ପଦ୍ମପୁର ଆସନ ବଜାୟ ରଖିବାକୁ ଦଳ ସବୁ ବଳ ଖଟାଇଥିଲା । ପଶ୍ଚିମର ନେତାଙ୍କୁ ନିର୍ବାଚନ ପରିଚାଳନା ଦାୟିତ୍ୱ ବଣ୍ଟା ଯାଇଥିଲା । ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ ନିର୍ବାଚନମଣ୍ଡଳୀ ବୁଲି ବୁଲି ସବୁ ତଦାରଖ କରୁଥିଲେ । ସୁଶାନ୍ତ ସିଂ ମଧ୍ୟ ନିଜ ସାମର୍ଥ୍ୟ ପ୍ରତିପାଦିତ କରିବାକୁ ସୁଯୋଗ ପାଇଥିଲେ । ପୂର୍ବତନ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ଦେବେଶ ଆଚାର୍ଯ୍ୟ, ସ୍ନେହାଙ୍ଗିନୀ ଛୁରିଆ ନିଜ ଜିଲ୍ଲାର ଗୋଟିଏ ଆସନ ହରାଇ ଅପଦସ୍ଥ ହେବାକୁ ଚାହୁଁନଥିଲେ । ଏବେ ବୃହତ୍ ବିଜୟ ସହ ସବୁନେତାଙ୍କ ସମ୍ମାନ ରହିଲା ବୋଲି ସବୁଠି ଚର୍ଚ୍ଚା ହେଉଛି ।

### ଭୋଟ୍ ହାରରେ ବିଜେପି ସ୍ଥିର

୪୨ହଜାର ଭୋଟ୍ ପାଇଁ ବିଜେପିକୁ ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି । ବଡ଼ ବ୍ୟବଧାନରେ ପରାଜୟ ସତ୍ତ୍ୱେ ଦଳ ନିଜ ଭୋଟ ହାରକୁ ସ୍ଥିର ରଖିଛି । ଅର୍ଥାତ୍ ବିଜେପି ନିଜ ପୁରୁଣା ଭୋଟ୍‌ବ୍ୟାଙ୍କ ସବୁ ଆଦାୟ କରିଛି । ୨୦୧୪ ନିର୍ବାଚନରେ ପ୍ରଦୀପ ପୁରୋହିତ ଏହି ଆସନରୁ ବିଜୟୀ ହୋଇଥିଲେ । ସେତେବେଳେ ତାଙ୍କ ଭୋଟ୍ ହାର ୩୮.୯୪ ରହିଥିଲା । ୨୦୧୯ରେ ସେ ପରାଜିତ ହୋଇଥିଲେ ହେଁ ୭୭୫୬୫ ଭୋଟ୍ (୩୮.୪୫) ପାଇଥିଲେ । ପାଖାପାଖି ସମାନ ପ୍ରତିଶତ ଭୋଟ୍ ଏଥର ବି ବିଜେପି ପକେଟ୍‌କୁ ଯାଇଛି ।

### ବାପାଙ୍କ ଲୋକପ୍ରିୟତାର ପ୍ରତିଫଳନ: ବର୍ଷା

ପଦ୍ମପୁର ବାଜି ଜିତିବା ପରେ ନିଜର ପ୍ରତିକ୍ରିୟା ରଖିଛନ୍ତି ବର୍ଷା ସିଂ ବରିହା । ସେ କହିଛନ୍ତି ଏହା ହେଉଛି ତାଙ୍କ ବାପା ବିଜୟ ରଞ୍ଜନ ସିଂ ବରିହାଙ୍କ ଲୋକପ୍ରିୟତାର ପ୍ରତିଫଳନ । ବାପାଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବେ ଏବଂ ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ରହିଥିବା ସବୁ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିବେ ବୋଲି ବର୍ଷା କହିଛନ୍ତି ।

### ବିଜେପିକୁ ମହଙ୍ଗା ପଡ଼ିଲା ବ୍ୟକ୍ତିଗତ ଆକ୍ଷେପ

ଧାମନଗର ବିଧାନସଭା ଉପର୍ନିର୍ବାଚନରେ ବିଜେପି ପ୍ରାର୍ଥୀ ବିଜୟ ହାସଲ କରିବା ପରେ ପଦ୍ମପୁରରେ ମଧ୍ୟ ବାଜି ମାରିବାକୁ ଆଶା ବାନ୍ଧିଥିଲା ବିଜେପି । ଚାରି ଚାରି ଜଣ କେନ୍ଦ୍ରମନ୍ତ୍ରୀ ପ୍ରଚାର କରିଥିଲେ ଦଳୀୟ ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କୁ ଜିତାଇବା ଲାଗିଛ ଏହି ପ୍ରଚାର ସମୟରେ ବିଜେପିର ଅନେକ ବରିଷ୍ଠ ନେତା ବିଜେଡି ପ୍ରାର୍ଥୀ ବର୍ଷା ସିଂ ବରିହାଙ୍କୁ ନେଇ ବ୍ୟକ୍ତିଗତ ଆକ୍ଷେପ କରିଥିଲେ । ଯାହା ପଦ୍ମପୁରରେ ବିଜେପିକୁ ମହଙ୍ଗା ପଡ଼ିଲା ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି । ପଦ୍ମପୁର ଉପର୍ନିର୍ବାଚନରେ ବିଜେଡି ପ୍ରାର୍ଥୀ ବାଜି ମାରିବା ପରେ ଶଙ୍ଖ ଶିବିରରେ ସେଲିବ୍ରେସନ ଆରମ୍ଭ ହୋଇଛି । ବାଜା ବଜାଇ ବାଣ ଫୁଟାଇ ବିଜେଡି ପ୍ରାର୍ଥୀଙ୍କଠାରୁ ଆରମ୍ଭ କରି ନେତା ଏବଂ କର୍ମୀ ଉତ୍ସବ ପାଳନ କରୁଥିବା ଦେଖିବାକୁ ମିଳିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ପଦ୍ମପୁର ଛାଡ଼ିଲାନି...

ଚାଷୀ, ରେଳ ପ୍ରକଳ୍ପ ପ୍ରସଙ୍ଗ ସହିତ ବିଜେଡି ପ୍ରାର୍ଥୀଙ୍କୁ ବାହାର ଜିଲାର କହି ନିଜ ସପକ୍ଷରେ ଭୋଟ ନେବା ଲାଗି ପ୍ରୟାସ କରିଥିଲା । ଯଦିଓ ବିଜେପି ନିଜର ଭୋଟ ଗତ ନିର୍ବାଚନ ତୁଳନାରେ ପ୍ରାୟ ସମାନ ରଖିଛି ତେବେ ବିଜୟ ସମ୍ଭାବନାକୁ ନିଜ ସପକ୍ଷରେ ନେବାରେ ସମର୍ଥ ହୋଇନାହିଁ । ଗଣତି ଆରମ୍ଭରୁ ହିଁ ବର୍ଷା ବିଜେପି ପ୍ରାର୍ଥୀଙ୍କ ଉପରେ ଭାରି ପଡ଼ିଥିଲେ । ପ୍ରତି ରାଉଣ୍ଡରେ ବିଜେଡ଼ି ସଂଖ୍ୟାଧିକ ଭୋଟ୍ ସହିତ ବିଜେପି ଠାରୁ ଆଗରେ ରହିଥିଲା । କୌଣସି ଗୋଟିଏ ରାଉଣ୍ଡରେ ମଧ୍ୟ ବିଜେପି ଭୋଟରେ ବିଜେଡ଼ିକୁ ପଛରେ ପକାଇ ପାରିନଥିଲା । ଅନ୍ୟପକ୍ଷରେ କଂଗ୍ରେସ ପ୍ରାର୍ଥୀଙ୍କ ସ୍ଥିତି ଦୟନୀୟ ଥିଲା । ଭୋଟର ବିଜେପିକୁ ପ୍ରତ୍ୟାଖାନ କରିଥିବା ବେଳେ କଂଗ୍ରେସର ରାଜନୈତିକ ପ୍ରାସଙ୍ଗିକତାକୁ ଉପର୍ନିର୍ବାଚନରେ ପ୍ରଶ୍ନ କରିଛନ୍ତି ।

ଅନ୍ୟପକ୍ଷରେ କଂଗ୍ରେସର ଦୁର୍ବଳ ପ୍ରତିଦ୍ୱନ୍ଦ୍ୱିତା ବିଜେଡିକୁ ସୁହାଇଲା ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି । କଂଗ୍ରେସ ଭୋଟ ବିଜେଡି ନିଜ ସପକ୍ଷରେ ନେବାରେ ସଫଳ ହୋଇଥିବା କୁହାଯାଉଛି । ମୁଖ୍ୟମନ୍ତ୍ରୀଙ୍କ ଜିଲା ଘୋଷଣା ସାଙ୍ଗକୁ ଚାଷୀଙ୍କ ପାଇଁ ଇନ୍‌ପୁଟ ସବ୍‌ସିଡି, କୁଲତା ଏବଂ ମେହେର ସମାଜ ପାଇଁ ଜମି ଓ ଧର୍ମଶାଳା ଯୋଗାଇ ଦେବା ଭଳି ଅନେକ ପ୍ରତିଶ୍ରୁତି ବିଜେଡିକୁ ଫାଇଦା ଦେଇଛି । ପଦ୍ମପୁରରେ ଭୋଟର ପ୍ରବଳ ବର୍ଷାରେ ବିଜେପି ଶିବିର କିନ୍ତୁ ନିରାଶ । ଏଠି ତ ପୁରା ଧୋଇ ହୋଇଯାଇଛି କଂଗ୍ରେସ । ଗତ ୨ଟି ସାଧାରଣ ନିର୍ବାଚନର ଫଳାଫଳ ଅନୁଯାୟୀ ୨୦୧୪ରେ ବିଜେପିରୁ ପ୍ରଦୀପ ପୁରୋହିତ ଓ ୨୦୧୯ରେ ବିଜେଡିରୁ ଦିବଂଗତ ବିଜୟ ରଂଜନ ସିଂ ବରିହା ପ୍ରାୟ ୫ ହଜାର ଭୋଟରେ ଜିତିଥିଲେ । ଅର୍ଥାତ ଉନିଶ୍ ବିଶର ହେଉଥିଲା ଲଢ଼େଇ । ଏଥର କିନ୍ତୁ ଇତିହାସ ସୃଷ୍ଟି ହୋଇଛି । ୨୦୧୯ରେ ୭୭ ହଜାର ୬୫୬ ଖଣ୍ଡ ଭୋଟ୍ ପାଇଥିବା ପ୍ରଦୀପ ପୁରୋହିତ ଏଥର ୭୮ ହଜାର ୧୨୮ ଖଣ୍ଡ ଭୋଟ୍ ପାଇଛନ୍ତି । ଅର୍ଥାତ ଗତ ନିର୍ବାଚନ ଅପେକ୍ଷା ଏହି ଉପର୍ନିର୍ବାଚନରେ ୪୭୨ ଖଣ୍ଡ ଭୋଟ୍ ଅଧିକ ପାଇଛନ୍ତି । ତେବେ କଂଗ୍ରେସ ପାଇଁ କିନ୍ତୁ ଚିନ୍ତାଜନକ ବିଷୟ ହେଉଛି, ପ୍ରାର୍ଥୀ ସତ୍ୟଭୂଷଣ ସାହୁ ପୂର୍ବ ଅପେକ୍ଷା ଆଶାଠୁ ବହୁତ କମ୍ ଭୋଟ୍ ପାଇଛନ୍ତି । ୨୦୧୯ରେ ୩୨ ହଜାର ୭୮୭ ଖଣ୍ଡ ଭୋଟ୍ ପାଇଥିବା ସତ୍ୟଭୂଷଣ ଏଥର ପାଇଛନ୍ତି ମାତ୍ର ୩ ହଜାର ୫୯୪ ଭୋଟ୍ । ଅର୍ଥାତ ୩୦ ହଜାର ଅଙ୍କ ଛୁଇଁବା ତ ଦୂରର କଥା, ଅମାନତ ବି ରହିଲାନି ।

### ଗୁଜରାଟରେ ବିଜେପି...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ସେ କହିଛନ୍ତି, ଜନାଦେଶ ଅଭିଭୂତ କରିଛି । ଗୁଜରାଟରେ ଏଥର ଚମତ୍କାର ହୋଇଛି । ଲୋକେ ନୂଆ ଇତିହାସ ସୃଷ୍ଟି କରିଛନ୍ତି । ବିଜେପି ପ୍ରତି ବଢୁଥିବା ଜନସମର୍ଥନ ପରିବାରବାଦ ବିରୋଧରେ ଆକ୍ରୋଶ ବୋଲି କହିଛନ୍ତି ମୋଦି । ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବୋଧନ କରି ମୋଦି କହିଛନ୍ତି, ଦେଶହିତରେ ଆମେ ବଡ଼ରୁ ବଡ଼ ନିଷ୍ପତ୍ତି ନେଇଛୁ । ଆମ କାମକୁ ନେଇ ଯୁବବର୍ଗ ଆମ ଉପରେ ଭରସା ରଖିଛନ୍ତି । ଯୁବବର୍ଗ ବିଜେପିର ବିକାଶ ରାଜନୀତିକୁ ପସନ୍ଦ କରୁଛନ୍ତି ଛ ବିଜେପିର ମିଶନ ଅଛି ଏବଂ ବିକାଶକୁ ନେଇ ପ୍ରତିବଦ୍ଧତା ବି ଅଛି ବୋଲି ମୋଦି କହିଛନ୍ତି ।

ଅନ୍ୟପଟେ ଗୁଜରାଟରେ ଜିତିଲା ହେଲେ ହିମାଚଳ ପ୍ରଦେଶରେ ଚିତପଟାଙ୍ଗ ମାରିଛି ବିଜେପି । କାମ ଦେଲାନି ମୋଦି ମ୍ୟାଜିକ୍ । ହାତ କବଜାରେ ହିମାଚଳ ପ୍ରଦେଶ । ଇତିହାସର ହେଲା ପୁନରାବୃତ୍ତି । ଅପରିବର୍ତ୍ତିତ ରହିଲା ଧାରା । ଗୁଜରାଟରେ ବିଜେପି ଦବ୍‌ଦବା ଦେଖାଇଥିବା ବେଳେ, ହିମାଳଚରେ ପଦ୍ମ ଦଳର ପାୱାର ଫେଲ୍ । ୬୮ ଆସନରୁ ୪୦ଟି ସିଟ୍ ହାତେଇବାରେ ସକ୍ଷମ ହୋଇଛି କଂଗ୍ରେସ । ଅନ୍ୟପଟେ ବିଜେପି ହାତରୁ କ୍ଷମତା ଯିବା ସହ ମାତ୍ର ୨୫ଟି ଆସନରେ ସନ୍ତୁଷ୍ଟ ହେବାକୁ ପଡିଛି । ଅନ୍ୟ ଦଳ ତିନି ଆସନରେ ବିଜୟୀ ହୋଇଛନ୍ତି । ଦଳର ସଫଳତାକୁ ନେଇ ହିମାଚଳର ସମସ୍ତ ନେତା ଓ କର୍ମୀଙ୍କୁ ଅଭିନନ୍ଦନ ଓ ଶ୍ରେୟ ଦେଇଛନ୍ତି ରାହୁଲ ଗାନ୍ଧି । ବିଜୟୀ ହେବା ପରେ ଦଳୀୟ କାର୍ଯ୍ୟାଳୟରେ ନେତା ଓ କର୍ମୀ କରିଛନ୍ତି ସେଲିବ୍ରେସନ । ବାଜା ଓ ବାଣ ଫୁଟାଇ ମନାଇଛନ୍ତି ବିଜୟ ଉତ୍ସବ । ୬୮ ଆସନ ବିଶିଷ୍ଟ ହିମାଚଳରେ ୨୦୧୭ରେ ୭୫.୫୭ ପ୍ରତିଶତ ମତଦାନ ହୋଇଥିବା ବେଳେ ବିଜେପି ହାତେଇଥିଲା ୪୪ଟି ଆସନ । ଏଥର ହୋଇଥିଲା ୭୫ ପ୍ରତିଶତ ମତଦାନ । ମୁଖ୍ୟମନ୍ତ୍ରୀ ଜୟୀରାମ ଠାକୁର ପରାଜୟ ସ୍ୱୀକାର କରିବା ସହ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି । କଂଗ୍ରେସ ଗୁଜୁରାଟରେ ପରାଜିତ ହୋଇଥିଲେ ହେଁ ହିମାଚଳର ବିଜୟ ଦଳୀୟ କର୍ମୀଙ୍କ ମନୋସୋହକୁ ବୃଦ୍ଧି କରିଛି ।

# ବିଶ୍ୱର ବିପଦପୂର୍ଣ୍ଣ ବିମାନବନ୍ଦର




**ଦିନଥିଲା ଲୋକେ ଗୋଟିଏ ଜାଗାରୁ ଆଉ ଗୋଟିଏ ଜାଗାକୁ ଯିବାକୁ ହେଲେ ଶଗଡ଼ ଗାଡ଼ିରେ ସବାର ହେଉଥିଲେ । ଏଥିପାଇଁ ଲାଗୁଥିଲା ଅନେକ ସମୟ । ଏବେ ଲୋକଙ୍କ ଜୀବିକା ସହ ତାଳ ଦେଇ ଯାତାୟାତର ମାଧ୍ୟମ ବଦଳିଯାଇଛି । ବଦଳିଛି ଗମନାଗମନ ଓ ପରିବହନର ବ୍ୟବସ୍ଥା । ସମୟ ବଞ୍ଚାଇବା ପାଇଁ ଧନୀ ଓ ମଧ୍ୟବିତ୍ତ ଲୋକେ ବିମାନ ଯାତ୍ରା କରିଥାନ୍ତି । ବିମାନ ଯାତ୍ରା କରିବାକୁ ହେଲେ ସେମାନଙ୍କୁ ବିମାନବନ୍ଦର ଯିବାକୁ ପଡିଥାଏ । ମାତ୍ର ବିଶ୍ୱର ବହୁ ଦେଶରେ ଏପରି ଅନେକ ବିମାନବନ୍ଦର ଅଛି ଯାହା ଦେଖିବାକୁ ବହୁତ ସୁନ୍ଦର । କିନ୍ତୁ ଅତ୍ୟନ୍ତ ବିପଦଜନକ । ଏହି ବିମାନବନ୍ଦର ଗୁଡିକରେ ବିମାନ ଉଡାଣ କିମ୍ବା ଅବତରଣ କରିବା ଅନେକ ସମୟରେ ବିପଦ ଜନକ ସାବ୍ୟସ୍ତ ହୋଇଥାଏ । ନିକଟରେ ପାହାଡ଼ ଉପରେ ଥିବା କେରଳର ଏକ ବିମାନବନ୍ଦର ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଅତ୍ୟନ୍ତ ସୁନ୍ଦର ପରିବେଶ ଭିତରେ ଥିବା ଏହି ବିମାନବନ୍ଦର ଅନେକ ଲୋକଙ୍କ ମୃତ୍ୟୁର କାରଣ ହୋଇଥିଲା । ଆସନ୍ତୁ ଜାଣିବା ବିଶ୍ୱର ଏଭଳି କେତୋଟି ସୁନ୍ଦର ଅଥଚ ଭୟଙ୍କର ବିମାନବନ୍ଦର ସମ୍ପର୍କରେ ।**

## ସ୍କଟ୍‌ଲ୍ୟାଣ୍ଡର ବାରା ବିମାନବନ୍ଦର

ଅନ୍ୟ ଏକ ରନ୍‌ୱେ ହେଉଛି ସ୍କଟ୍‌ଲ୍ୟାଣ୍ଡର ବାରା ଏୟାରପୋର୍ଟର । ଏହା ଦୁନିଆର ସବୁଠାରୁ ନିଆରା ରନ୍‌ୱେ କହିପାରିବେ ଆପଣ । କାରଣ ଏଠାରେ ବିଚ୍ ହି ହେଉଛି ରନ୍‌ୱେ । ଶୋଭା ସୁଷମାରେ ଏହାର ପଟାନ୍ତର ନାହିଁ । ମାତ୍ର ସମୁଦ୍ରରେ ଜୁଆର ଭଙ୍ଗା ଆସିବା ମାତ୍ରେ ଏହି ଏୟାରପୋର୍ଟ ପାଣିରେ ବୁଡିଯାଏ । ଏଠାରେ ଉଡାଣର ସମୟ ସାମୁଦ୍ରିକ ତୋଫାନ କାରଣରୁ ପ୍ରଭାବିତ ମଧ୍ୟ ହୋଇଥାଏ । ଏହି ଏୟାରପୋର୍ଟ ଟ୍ରେଗ୍ ମୋର ସାମୁଦ୍ରିକ ତଟରେ ନିର୍ମିତ ହୋଇଛି । ବାରା ଦ୍ୱୀପରେ ଥିବା ରନ୍‌ୱେ ତ୍ରିକୋଣୀୟ ଆକାରର ଓ ଏଟାରେ କାଠର ପୋଲ ଲଗାଯାଇଛି । ଯାହାଫଳରେ ବିମାନର ଲ୍ୟାଣ୍ଡିଂରେ ସହାୟତା ମିଳିପାରିବ । ଅତି ସୁନ୍ଦର ଓ ମନୋରମ ପରିବେଶରେ ନିର୍ମିତ ଏହି ବିମାନବନ୍ଦର ଅନେକ ଦୁର୍ଘଟଣାର ମୁକସାକ୍ଷୀ ଭାବେ ସାମ୍ନାକୁ ଆସିଛି ।

## ହଂକଂର କେ କାଇ ଟାକ ବିମାନବନ୍ଦର

ଏହି ବିମାନବନ୍ଦର ମଧ୍ୟ ସବୁଠାରୁ ଅଧିକ ବିପଦପୂର୍ଣ୍ଣ । ଏଠାରେ ୧୯୨୫ରୁ ୧୯୯୮ ପର୍ଯ୍ୟନ୍ତ ଉଡାଣ ଏବଂ ଅବତରଣ କରୁଥିଲା । ମାତ୍ର ଦୁର୍ଘଟଣା ପ୍ରବଣତା ଦୃଷ୍ଟିରୁ ଏହି ବିମାନବନ୍ଦରକୁ ବନ୍ଦ କରିଦିଆଯାଇଛି । ଏଠାକାର ଉଭୟ ପାର୍ଶ୍ୱରେ ଉଚ୍ଚ ମହଲା ବିଶିଷ୍ଟ ଅଟ୍ଟାଳିକାରହିଛି । ଏହାଛଡା ବିମାନବନ୍ଦରର ରନ୍‌ୱେ ମଧ୍ୟ କମ୍ ଏବଂ ଛୋଟ । ଅନେକ ସମୟରେ ବିମାନ ଉଡାଣ ଓ ଅବତରଣ ସମୟରେ କଥାଗୁଡ଼ିକ ଦୁର୍ଘଟଣାର କାରଣ ହୋଇଛି । ବାରମ୍ବାର ଚାପପଡିବାରୁ ଓ ବ୍ୟାପକ ଧନଜୀବନ ନଷ୍ଟ ହେବାକାରଣରୁ ଏହି ବିମାନବନ୍ଦରରୁ ସମସ୍ତ ଉଡାଣ ଦୀର୍ଘକାଳୀନ ଭାବେ ବାତିଲ ହୋଇଛି ।

## ଇଏରାସକିକ ବିମାନବନ୍ଦର

ଅନ୍ୟପଟେ ସାବାରେ ରହିଛି ଇରାସ୍କିନ୍ ଏୟାରପୋର୍ଟ । କୁହାଯାଏ ଏହି ଏୟାରପୋର୍ଟରେ ରହିଛି ବିଶ୍ୱର ସବୁଠାରୁ ଛୋଟ ରନ୍‌ୱେ । କୁହାଯାଏ ଏଠାରେ ଦୁର୍ବଳ ହୃଦୟର ବ୍ୟକ୍ତି ଲ୍ୟାଣ୍ଡ କରିବା ହେଉଛି ବେଶ୍ ଚ୍ୟାଲେଜିଂ କାମ । ତେଣୁ ବ୍ୟବସାୟୀକ ଓଡାଣ ପାଇଁ ଏହି ରନ୍‌ୱେ ଓ ଏୟାରପୋର୍ଟର ବ୍ୟବହାର କରାଯାଏ । ଏହି ରନ୍‌ୱେର ଲମ୍ବ ପାଖାପାଖି ୩୯୬ ମିଟର । ଏହି ରନ୍‌ୱେ ଯେତିକି ସୁନ୍ଦର ସେତିକି ଭୟଙ୍କର । ଏହା ପର୍ବତୀୟ ଚଟ୍ଟାଣରେ ନିର୍ମିତ ହୋଇଛି ଓ ସମୁଦ୍ରରେ ଘେରି ହୋଇ ରହିଛି । ଏହି ରନ୍‌ୱେ ଏକ ପର୍ବତ ଶିଖରରେ ନିର୍ମିତ,ଏହାର ତିନି ପାର୍ଶ୍ୱରେ ସମୁଦ୍ର ଏବଂ ଗୋଟିଏ ପାର୍ଶ୍ୱରେ ପର୍ବତ ଶିଖର । ପ୍ରାକୃତିକ ସୁନ୍ଦରତା ସତ୍ତ୍ୱେ ବିପଦ ପ୍ରବଣ କାରଣରୁ ଉଭୟ ଯାତ୍ରୀ ଓ ପାଇଲଟଙ୍କ ମନରେ ଏହି ବିମାନବନ୍ଦର ଭିତ୍ତି ସଂଚାର କରାଇଥାଏ । ଏଠାରେ ଜେଟ୍ ବିମାନ ଓହ୍ଲାଇପାରିବ ନାହିଁ ।

## ନେପାଳର ଟେନଜିଂ- ହିଲାରୀ

ସେହିଭଳି ଏକ ରନ୍‌ୱେ ରହିଛି, ନେପାଳର ତେନଜିଙ୍ଗ-ହିଲେରୀ ଏୟାରପୋର୍ଟରରେ । ଏହା ନେପାଳର ଲୁକଲା ସହରରେ ହିମାଳୟର ପର୍ବତ ବେଷ୍ଟନୀ ମଧ୍ୟରେ ଅବସ୍ଥିତ । ଏହାକୁ ଆପଣ ରୋମାଞ୍ଚର ଅନ୍ୟନାମ କହିପାରିବେ । ହିମାଳୟର ଶିଖରରେ ଥିବା ସହର ଲୁକଲାରେ ରହିଛି ଏହି ୪୬୦ ମିଟର ଲମ୍ବା ରନ୍‌ୱେ । କେବଳ ଛୋଟ ବିମାନ ଏବଂ ହେଲିକପ୍ଟରକୁ ହିଁ ଏଠାରେ ଅବତରଣ କରିବାକୁ ଅନୁମତି ମିଳିଥାଏ । ଏହି ବିମାନ ବନ୍ଦରର ରନ୍‌ୱେର ଉତ୍ତରରେ ପର୍ବତ ଶିଖର ରହିଛି, ତା' ପରେ ଦକ୍ଷିଣରେ ୬୦୦ ମିଟର ଗଭୀରର ଖାଲ । ସେଥିପାଇଁ ବିମାନବନ୍ଦରକୁ ଦୁନିଆର ସବୁଠାରୁ ବିପଦଜନକ ବିମାନବନ୍ଦର ମଧ୍ୟରେ ବିବେଚନା କରାଯାଏ । ଟିକିଏ ଅସତର୍କ ଆଉ ପାଗ ଖରାପ ହେଲେ ଏଠାରେ କୌଣସି ପାଇଲଟ ଉଡାଣ ଓ ଅବତରଣ କଥା ଚିନ୍ତା କରିପାରନ୍ତିନି । ଏହାକୁ ଦୁନିଆର ଭୟଙ୍କର ରନ୍‌ୱୋ ମଧ୍ୟ ଆଖ୍ୟା ଦିଆଯାଇଛି ।

## ମାଳଦ୍ୱୀପର ମେଲ ଅର୍ନ୍ତଜାତୀୟ ବିମାନବନ୍ଦର

ସେହିଭଳି ମାଲଦ୍ୱୀପରେ ରହିଛି ମାଲେ ଏୟାରପୋର୍ଟ । ଏହା ଏକ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ କୁହାଯାଏ । ଏଠାରେ ଉଡାଣ ଭରିବା ପାଇଲଟ୍ ପାଇଁ ବେଶ୍ ଚ୍ୟାଲେଜିଂ । ବିମାନବନ୍ଦରଟି ସମୁଦ୍ରଠାରୁ ମାତ୍ର ଦୁଇ ମିଟର ଉଚ୍ଚରେ ଅବସ୍ଥିତ । ଏହି ବିମାନବନ୍ଦର ବିଷୟରେ ସବୁଠାରୁ ବିଶେଷ କଥା ହେଉଛି ଏହା ବିଶ୍ୱର ଏକମାତ୍ର ବିମାନବନ୍ଦର ଯାହା ଆଲକାତରାରେ ନିର୍ମିତ । ଏହି ବିମାନବନ୍ଦର ସମୁଦ୍ର ମଧ୍ୟରେ ଅବସ୍ଥିତ । ପାୟଲଟର ଏକ ଛୋଟ ଭୁଲ୍ ପ୍ଲେନ୍‌କୁ ସିଧା ମହାସାଗର ଭିତରେ ବୁଡାଇଦେଇପାରେ । ଏହା ଦୁନିଆର ଏକମାତ୍ର ଏୟାରପୋର୍ଟ, ଯାହା ପାଣିରୁ ଆରମ୍ଭ ପାଣିରେ ଶେଷ । ହୁଲହୁଲେ ଦ୍ୱୀପ ସମୂହ ଏହାର ଏକ ଅଂଶ, ଯାହା ୯୦ ହଜାର ବର୍ଗ କିଲୋମିଟର ଅଂଚଳରେ ପରିବ୍ୟାପ୍ତ । ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ସମୁଦ୍ରରେ ତାପମାତ୍ରା ବୃଦ୍ଧି ଓ ପ୍ରଭାବରୁ ପ୍ରାୟତଃ ସମୁଦ୍ର ଅଶାନ୍ତ ହେଉଥିବା ବେଳେ ଏହି ବିମାନବନ୍ଦର କୁ ନେଇ ସକାରାତ୍ମକ ଚିନ୍ତା କରାଯାଇ ନ ପାରେ ।






Printed by Kishor Chandra Padhi and Published by Siba Prasad Sasamala, Printed at Anupam printers,Shed No. D-2/14, Industrial Estate, Mancheswar, Bhubaneswar, Published from Gurudwara Chowk, Bargarh-768028 (Odisha), Ph.0674-2911731, Email-aadharodisha8@gmail.com
Editor: Dr. Jyotirmaya Patnaik
ସମ୍ପାଦକ- ଡ. ଜ୍ୟୋତିର୍ମୟ ପଟ୍ଟନାୟକ